ODIA DAILY EDITION
15.04.2026
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଏପ୍ରିଲ-୧୫, ୨୦୨୬
ବର୍ଷ-୩୮, ସଂଖ୍ୟା-୨୭୬
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ହର୍ମୁଜ ପ୍ରସଙ୍ଗରେ ମୋଦୀ-ଟ୍ରମ୍ପ ଆଲୋଚନା

## ଟ୍ରମ୍ପଙ୍କ ଧମକକୁ ଖାତିର କଲାନି ଚୀନ, ହର୍ମୁଜ ପାର କଲା ଚୀନ ଟ୍ୟାଙ୍କର

**ନୂଆଦିଲ୍ଲୀ, ୧୪।୪:** ମଧ୍ୟପ୍ରାଚ୍ୟ ଉତ୍ତେଜନା ଏବଂ ଆମେରିକା ଦ୍ୱାରା ହର୍ମୁଜ୍ ପ୍ରଣାଳୀ ଅବରୋଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି । ଯୁଦ୍ଧବିରତି ଏବଂ ଇସଲାମାବାଦ ଆଲୋଚନା ପରେ ଦୁଇ ନେତା ପ୍ରାୟ ୪୦ ମିନିଟ୍ ଧରି କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି ଯେ ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ତାଙ୍କୁ ଫୋନ୍ କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦୀ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, 'ମୁଁ ମୋର ବନ୍ଧୁ ରାଷ୍ଟ୍ରପତି ଟ୍ରମ୍ପଙ୍କଠାରୁ ଏକ ଫୋନ୍ ପାଇଲି । ଆମେ ବିଭିନ୍ନ କ୍ଷେତ୍ରରେ ଆମର ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ସମୀକ୍ଷା କରିଛୁ । ଆମେ ସମସ୍ତ କ୍ଷେତ୍ରରେ ଆମର ବ୍ୟାପକ ବିଶ୍ୱସ୍ତରୀୟ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ପ୍ରତିବଦ୍ଧ ଅଟୁ । ଆମେ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ମଧ୍ୟ ଆଲୋଚନା କରିଛୁ ଏବଂ ହର୍ମୁଜ୍ ପ୍ରଣାଳୀକୁ ଖୋଲା ଏବଂ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଜୋର ଦେଉଛୁ । ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଧମକକୁ ଖାତିର ନ କରି ହର୍ମୁଜ ପାର୍ କରିଛି ଚୀନର ଜାହାଜ, ଯାହାକୁ ନେଇ ଏକ ବଡ଼ ଧରଣର ଉତ୍ତେଜନା ସୃଷ୍ଟି ହେବ ବୋଲି ଜଣାପଡୁଛି ।

ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୌରଙ୍କ ଅନୁଯାୟୀ, ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହିଛନ୍ତି ଯେ ସେ ଏହା ଜଣାଇବାକୁ ଚାହୁଁଛନ୍ତି ଯେ ଆମେରିକା ଭାରତକୁ କେତେ ଭଲ ପାଏ । ସର୍ଗିଓ ଗର୍ କହିଛନ୍ତି, ଦୁଇ ରାଷ୍ଟ୍ରନେତାଙ୍କ ମଧ୍ୟରେ ଏକ ବହୁତ ଭଲ ଏବଂ ସକରାତ୍ମକ ଆଲୋଚନା ହୋଇଛି । ଆଗକୁ କ'ଣ ହେବାକୁ ଯାଉଛି ତାହା ପାଇଁ ସତର୍କ ରୁହନ୍ତୁ ।

ଗତ ମାସରେ, ଭାରତ ଏହି ରାସ୍ତା ଦେଇ ଆଠରୁ ଅଧିକ ଏଲପିଜି ଟ୍ୟାଙ୍କରକୁ ସୁରକ୍ଷିତ ଭାବରେ ପରିବହନ କରିଛି । ଡୋନାଲ୍ଡ ଟ୍ରମ୍ପ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଆମେରିକା ଇରାନକୁ ଟୋଲ୍ ଦେବାକୁ ଥିବା କୌଣସି ଜାହାଜକୁ ହର୍ମୁଜ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବ ନାହିଁ । ଯଦିଓ ଭାରତ ସମ୍ପ୍ରତି ଏହାର ଏଲପିଜି ଜାହାଜ ପାଇଁ କୌଣସି ଟୋଲ୍ ଦେଇନାହିଁ, ତଥାପି ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଅନିଶ୍ଚିତତା ରହିଛି ।

ସେପଟେ ଗୋଟିଏ ମାସ ଭିତରେ ଏହି ପଥରେ ୮ରୁ ଅଧିକ ଏଲପିଜି ଟ୍ୟାଙ୍କର ଭାରତ ଆସିଛି ।



- ଇସଲାମାବାଦ ଆଲୋଚନା ବିଫଳ ପରେ ମଧ୍ୟପ୍ରାଚ୍ୟ ସ୍ଥିତି ଜଟିଳ, ପୁଣି ଲାଗିପାରେ ଯୁଦ୍ଧ
- ହର୍ମୁଜ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଦୁଇ ନେତାଙ୍କ ମଧ୍ୟରେ ୪୦ ମିନିଟ୍ ଧରି ବାର୍ତ୍ତାଳାପ

ଡୋନାଲ୍ଡ ଟ୍ରମ୍ପ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଇରାନକୁ ଟୋଲ୍ ଦେବାକୁ ଥିବା କୌଣସି ଜାହାଜକୁ ଆମେରିକା ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବ ନାହିଁ । ହର୍ମୁଜରେ ଭାରତୀୟ ଟ୍ୟାଙ୍କର କୌଣସି ଟୋଲ୍ ଦେଇନାହାନ୍ତି, କିନ୍ତୁ ଆଗକୁ ସ୍ଥିତି କଣ ହେବ ତାକୁ ନେଇ ଅନିଶ୍ଚିତତା ଲାଗିରହିଛି ।

ପାକିସ୍ତାନରେ ଫେଲ ମାରିଥିବା ଆମେରିକା-ଇରାନ ଶାନ୍ତି ଆଲୋଚନାକୁ ନେଇ ବଡ଼ ଖବର ଆସିଛି । ଶନିବାର ୨୧ ଘଣ୍ଟା ଧରି ଦୁଇ ଦେଶର ପ୍ରତିନିଧି ଇସଲାମାବାଦରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଥିଲେ । ହେଲେ କୌଣସି ସୁଫଳ ମିଳି ନଥିଲା । ଏହାପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୀଷଣ ରୂପ ଧାରଣ କରିବାର ଆଶଙ୍କା ପ୍ରକାଶ ପାଇଥିଲା ।

## ପିକଅପ ଧକ୍କାରେ ବାପା, ମା' ଓ ପୁଅ ମୃତ

**ବଲାଙ୍ଗୀର, ୧୪।୪:** ସୋନପୁର ରାସ୍ତାର ଟୋଲଗେଟ୍ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ପିକଅପ-ବାଇକ୍ ଧକ୍କା ହୋଇ ଚାଲିଗଲା ବାପା ପୁଅ ଓ ମା'ଙ୍କ ଜୀବନ ଚାଲିଯାଇଛି । ବାଇକରେ ଯାଉଥିବା ବେଳେ ବାପା ଓ ଦେଢ ବର୍ଷର ପୁଅର ମୃତ୍ୟୁ ହୋଇଥିବା ବେଳେ ମାଆ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଛନ୍ତି । ଦୁର୍ଘଟଣା ପରେ ଭଏଁସାପାଲି ଛକରେ ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଛି । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଛି ।

## ମଇ ୧ରୁ ୩୦ ସୁଭଦ୍ରା ଆବେଦନ

**ଭୁବନେଶ୍ୱର, ୧୪।୪:** ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆସନ୍ତା ମଇ ୧ରୁ ୩୦ ତାରିଖ ମଧ୍ୟରେ ନୂଆ ହିତାଧିକାରୀ ଆବେଦନ କରିପାରିବେ । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଆବେଦନକାରୀଙ୍କ ସଂଖ୍ୟା ବହୁତ କମ ଅଛି, କିନ୍ତୁ ସମୟ ପର୍ଯ୍ୟାପ୍ତ ଅଛି । ୨୧ ବର୍ଷ ବୟସରେ ପହଂଚିଥିବା ଯୁବତୀ ଆବେଦନ କରିପାରିବେ । ଯଦି କେଉଁଠି ଟେକ୍ନିକାଲ ଅସୁବିଧା ସାମ୍ନାକୁ ଆସେ ସମୟ ବଢ଼ାଯିବ । ଅସୁବିଧା ଥିଲେ ଆଉ ୫ ଦିନ ସମୟ ଅବଧି ବଢ଼ାଇବୁ ବୋଲି କହିଛନ୍ତି ପ୍ରଭାତୀ ପରିଡା ।

## ଆପାର୍ଟମେଣ୍ଟର ସୁରକ୍ଷା ଢିଲା କଲେ ଆକ୍ସନ

**ଭୁବନେଶ୍ୱର, ୧୪।୪:** ସୁରକ୍ଷା ବ୍ୟବସ୍ଥା କୁ ନେଇ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟରେ ନୋଟିସ ଲଗାଇଛି କମିଶନରେଟ୍ ପୋଲିସ୍ । କମିଶନରେଟ ପୋଲିସ ଆପାର୍ଟମେଣ୍ଟ ମାନଙ୍କରେ ଆଇପି ଏନାବଲ କ୍ୟାମେରା ଲଗାଇବାକୁ ବାଧ୍ୟତାମୂଳକ କରିଛି । ବିଲଡର କିମ୍ବା ଆପାର୍ଟମେଣ୍ଟ ମେମ୍ବର ଓ ଆପାର୍ଟମେଣ୍ଟ ୱେଲଫେୟାର କମିଟି ମାନଙ୍କୁ ଏଥି ନେଇ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ସହରାଞ୍ଚଳ ପୋଲିସ ଅଧି ନିୟମ, ୨୦୦୩ ଆଧାରରେ ରାଜଧାନୀର ବିଭିନ୍ନ ଆପାର୍ଟମେଂଟରେ ଆଇପି ଏନାବଲ କ୍ୟାମେରା ଲଗାଇବାକୁ ପୋଲିସ ନୋଟିସ ମାରିଛି ।ଆପାର୍ଟମେଂଟରେ ଘଟୁଥିବା ଅପରାଧ କୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । କୌଣସି ଘଟଣା ଘଟିଲେ ସିସିଟିଭି ତଥ୍ୟ ପୋଲିସ କୁ ଦେବା ପାଇଁ ମଧ୍ୟ ନୋଟିସ୍ ରେ ଉଲ୍ଲେଖ କରାଯାଇଛି ।

| | |
|---|---|
| ସେନ୍‌ସେକ୍ସ | ୭୬,୮୪୭ |
| ନିଫ୍ଟି | ୨୩,୮୪୨ |
| ସୁନା/୧୦ଗ୍ରା | ୧,୫୩,୮୪୦ |
| ରୂପା/କିଗ୍ରା | ୨,୫୫,୦୦୦ |
| ଡଲାର | ୯୨.୬୯ |

### ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୭.୩° |
| କଟକ: | ୩୭.୦° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୬.୯° |
| କଟକ: | ୨୪.୬° |

### ହାଲ୍‌ଚାଲ୍



ଆକାଶରୁ ହେଉଛି ଅଗ୍ନିବର୍ଷା
ପଶ୍ଚିମରୁ ଉପକୂଳ ଜଳୁଛି
କୋଡ଼ିଏ ଯାଏ ନିସ୍ତାର ନାହିଁ
ଅସହ୍ୟ ଗୁଳୁଗୁଳି ହେଉଛି
ପଇଁଚାଳିଶ ଡିଗ୍ରୀ ଛୁଇଁବ ପାରଦ
ପାଣିପାଗ ବିଭାଗ କହିଛି ।

# କାରଖାନାରେ ବିସ୍ଫୋରଣ ୧୦ ଶ୍ରମିକ ମୃତ

**ରାୟପୁର, ୧୪।୪:** ଛତିଶଗଡ଼ର ଶକ୍ତି ଜିଲ୍ଲାର ସିନ୍ଧୀ ତରାଇସ୍ଥିତ ଏକ କାରଖାନାରେ ଆଜି ସନ୍ଧ୍ୟାରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି । ଏଠାରେ ଥିବା ବେଦାନ୍ତ ପାୱାର ପ୍ଲାଣ୍ଟରେ ବ୍ରଏଲର ବିସ୍ଫୋରଣ ହେବାରୁ ଅତିକମରେ ୧୦ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା ବେଳେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରୁ କିଛି ଶ୍ରମିକ ଗୁରୁତର ଥିବା ସୂଚନା ମିଳିଛି । ଆହତ ଏବଂ ଗୁରୁତରମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ଏହି ଅଭାବନୀୟ ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ଗଭୀର ଶୋକ ପ୍ରକାଶ କରିଛନ୍ତି ।

- ଛତିଶଗଡ଼ ବେଦାନ୍ତ ପାୱାର ପ୍ଲାଣ୍ଟରେ ବ୍ରଏଲର ବିସ୍ଫୋରଣ
- ୩୦ରୁ ୪୦ ଶ୍ରମିକ ଗୁରୁତର, ବଢ଼ିପାରେ ମୃତକଙ୍କ ସଂଖ୍ୟା



ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଛତିଶଗଡ଼ ଦୁର୍ଘଟଣା ନେଇ କହିଛନ୍ତି, ମୁଁ ସେହି ଲୋକଙ୍କ ପ୍ରତି ସମବେଦନା ଜଣାଉଛି, ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି । ଆହତମାନଙ୍କ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି । ଆହତମାନେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ । ସ୍ଥାନୀୟ ପ୍ରଶାସନ ପ୍ରଭାବିତ ଲୋକଙ୍କ ସହାୟତା କରୁଛନ୍ତି । ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ମୃତକମାନଙ୍କ ସଂପର୍କୀୟମାନଙ୍କୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ।

ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ କହିଛନ୍ତି, ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଏବଂ ହୃଦୟବିଦାରକ । ମୃତକମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସ୍ୱର୍ଗତ ଶ୍ରମିକଙ୍କ ଆତ୍ମା ଶାନ୍ତିରେ ରହୁ । ଏହି ସମୟରେ ପୀଡିତ ପରିବାରଙ୍କୁ ଭଗବାନ ସାହାସ ଦିଅନ୍ତୁ । ଏଥି ସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ସୂଚନାଯୋଗ୍ୟ, ଆଜି ସନ୍ଧ୍ୟାରେ କାରଖାନାର ବ୍ରଏଲର ବିସ୍ଫୋରଣ ଘଟିଥିଲା । ଏଥିରେ ୧୦ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା । ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ଆହତ ଏବଂ ଗୁରୁତର ହୋଇଥିଲେ । ସେମାନଙ୍କୁ ଅଗ୍ନିଶମ ବିଭାଗ ଏବଂ ପୁଲିସ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଜିଲ୍ଲା ପ୍ରଶାସନ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି ।

## ଛାତ୍ରୀ ମୃତ୍ୟୁ ପରେ ଉତ୍ତେଜନା, ପୋଲିସର ଲାଠିଚାର୍ଜ

**ବାରିପଦା, ୧୪।୪:** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁବରଣ ମାମଲାରେ ଉତ୍ତେଜନା ପ୍ରକାଶ ପାଇଛି । ଛାତ୍ରୀଙ୍କ ମୃତଦେହ ବିଦ୍ୟାଳୟରେ ପହଁଚିବା ପରେ ଉତ୍ତ୍ୟକ୍ତ ଅଭିଭାବକମାନେ ବିଦ୍ୟାଳୟ ପରିସରରେ ପୋଡ଼ା ଜଳା କରିଛନ୍ତି । ସମସ୍ତେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଁଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଛି । ସେପଟେ ସରକାର ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହି ୩ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି ।

## ବିଜେଡି-କଂଗ୍ରେସ ମେଣ୍ଟ ସମ୍ପର୍କରେ ମୁହଁ ଖୋଲିଲେ ମନମୋହନ

**ଭୁବନେଶ୍ୱର, ୧୪।୪:** ରାଜ୍ୟ ରାଜନୀତିରେ ଏବେ ଗୋଟିଏ ଚର୍ଚ୍ଚା, ଗୋଟିଏ ଆଲୋଚନା । ହେବ କି ବିଜେଡି-କଂଗ୍ରେସ ମେଣ୍ଟ ? ପିସିସି ସଭାପତିଙ୍କ ଇସାରା, ବିଜେଡି ନେତାଙ୍କ ବୟାନ ଚର୍ଚ୍ଚାକୁ ଖୋରାକକୁ ଯୋଗାଇଛି । ଚର୍ଚ୍ଚାରେ ଘିଅ ଢ଼ାଳିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ।

ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଡିବ ନୂଆ ମେଣ୍ଟର ମୂଳଦୁଆ । ରାଜ୍ୟ ରାଜନୀତିରେ ବି ବୋହୁଛି ପରିବର୍ତ୍ତନର ଦକ୍ଷିଣ ପବନ । ଦିନେ ଯେଉଁ ବିଜେଡି ଓ କଂଗ୍ରେସ ପରସ୍ପରକୁ ଚିହିଁକି ଉଠୁଥିଲେ, ଆଜି ସେମାନେ କୋଳାକୋଳି ହେବାକୁ ପ୍ରସ୍ତୁତ । ମେଣ୍ଟକୁ ନେଇ ଉଠୁଛି ପଡୁଛି ରାଜ୍ୟ ରାଜନୀତି । କିନ୍ତୁ ମେଣ୍ଟକୁ ନେଇ ସ୍ପଷ୍ଟ ବୟାନ ଦେଇନାହାନ୍ତି ଉଭୟ ବିଜେଡି ଓ କଂଗ୍ରେସ । ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଯେ, ଭୁବନେଶ୍ୱରରେ ନୁହେଁ, ଦିଲ୍ଲୀରେ ଫାଇନାଲ ହେବ ମେଣ୍ଟ । ବଡ ନେତା ନେବେ ମେଣ୍ଟ ନିଷ୍ପତ୍ତି । ଅନ୍ୟପଟେ ବିଜେଡି ବରିଷ୍ଠ ନେତା ଦେବୀ ମିଶ୍ର କହିଛନ୍ତି ଏମିତି ବହୁତ ଚର୍ଚ୍ଚା ହେବ । କିନ୍ତୁ ଏଯାଏଁ ସେମିତି କିଛି ନିଷ୍ପତ୍ତି ହୋଇନି ।

**କହିଲେ- ଆମେ ଚାହୁଁଛୁ ଦୁଇ ଦଳ ଏକାଠି ଲଢନ୍ତୁ**

ମେଣ୍ଟ ଚର୍ଚ୍ଚା ଭିତରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କଟାକ୍ଷ କରିଛନ୍ତି । କହିଛନ୍ତି, ଆମେ ବ୍ୟସ୍ତ କି ବିବ୍ରତ ନୁହେଁ, ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ଅଛି । ବିଜେଡି-କଂଗ୍ରେସ ହାତ ମିଳେଇଲେ ଏକ ଶକ୍ତିଶାଳୀ ବିରୋଧୀ ଦଳ ଗଠନ ହେବ । ବିଜେପିକୁ ଗଠନ ମୂଳକ ପରାମର୍ଶ ଦେବେ ବୋଲି କହିଛନ୍ତି ମନମୋହନ ସାମଲ ।

# ସମ୍ରାଟ ଚୌଧୁରୀ ବିହାରର ନୂଆ ମୁଖ୍ୟମନ୍ତ୍ରୀ

**ପାଟଣା, ୧୪।୪:** ବହୁ ବିଚାର ବିମର୍ଶ ଓ ସମୀକ୍ଷା ପରେ ସମ୍ରାଟ ଚୌଧୁରୀ ହେବେ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ । ତାଙ୍କ ନାଁ ଉପରେ ବାଜିଛି ମୋହର । ମଙ୍ଗଳବାର ବସିଥିବା ବିଧାୟକ ଦଳ ବୈଠକରେ ସମ୍ରାଟଙ୍କୁ ଗୃହର ନେତା ଭାବେ ଚୟନ କରାଯାଇଛି । ଆସନ୍ତାକାଲି ପୂର୍ବାହ୍ନ

**ଆଜି ନେବେ ଶପଥ**

୧୧ଟାରେ ଲୋକଭବନରେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ସମ୍ରାଟ ଚୌଧୁରୀ । ଅନ୍ୟପଟେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ।

ବିଜେପି ବିଧାୟକ ଦଳ ବୈଠକରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ପୁନର୍ବାର ବିଧାୟକ ଦଳର ନେତା ଭାବେ ଚୟନ କରାଯାଇଛି । ଅନ୍ୟ ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ତାଙ୍କ ନାଁରେ ପ୍ରସ୍ତାବ ରଖିଥିଲେ । ଏହା ସହିତ ପ୍ରଥମ ଥର ବିହାରରେ ବିଜେପିର ମୁଖ୍ୟମନ୍ତ୍ରୀ ହେବେ । ନୀତିଶଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ସମ୍ରାଟ ଚୌଧୁରୀ ଏବେ ବିହାରରେ ଏନଡିଏ ସରକାର ମଙ୍ଗ ସମ୍ଭାଳିବେ । ତାଙ୍କ ନାଁରେ ଦୀର୍ଘ ସମୟ ଧରି କଳ୍ପନା ଜଳ୍ପନା ଲାଗି ରହିଥିଲା ।

ବୁଧବାର ନୂଆ ସରକାରର ଶପଥଗ୍ରହଣ ସମାରୋହ ଆୟୋଜିତ ହେବ । ଲୋକଭବନରେ ରାଜ୍ୟପାଳ ସୈୟଦ ଅତା ହସନେନ ସମ୍ରାଟ ଚୌଧୁରୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ । ତାଙ୍କ ସହିତ ଆଉ କିଛି ନେତା ମଧ୍ୟ ଶପଥ ନେଇ ପାରନ୍ତି । କିନ୍ତୁ ଶପଥ ଗ୍ରହଣ କାର୍ଯ୍ୟକ୍ରମ ବହୁତ ଛୋଟ ରହିବ । ଜନତା ଦଳ ୟୁନାଇଟେଡ (ଜେଡିୟୁ)ରୁ ଜଣେ କିମ୍ବା ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ପଦ ମିଳିପାରେ । ଏହା ପୂର୍ବରୁ ଏନଡିଏ ବିଧାୟକ ଦଳର ବୈଠକରେ ସମ୍ରାଟଙ୍କୁ ସର୍ବସମ୍ମତିକ୍ରମେ ବିଧାୟକ ଦଳର ନେତା ଭାବେ ଚୟନ କରାଯାଇଥିଲା । ଏହା ପରେ ସେ ରାଜ୍ୟପାଳଙ୍କ ନିକଟକୁ ଯାଇ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିବେ ।



## ଏପ୍ରିଲରେ ହେବନି ପଞ୍ଚାୟତ ନିର୍ବାଚନ ଆସନ ସଂରକ୍ଷଣ

**ଭୁବନେଶ୍ୱର, ୧୪।୪:** ରାଜ୍ୟର ପଞ୍ଚାୟତ ରାଜନୀତିରେ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିଛି । ପଞ୍ଚାୟତ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ସରକାର ହଠାତ୍ ସ୍ଥଗିତ କରିଦେଇଛନ୍ତି । ଏପ୍ରିଲ୍ ମାସରେ ହେବାକୁ ଥିବା ସଂରକ୍ଷଣ କାର୍ଯ୍ୟ ଏବେ ଅନିଶ୍ଚିତତାରେ ପଡ଼ିଛି । ପଞ୍ଚାୟତିରାଜ ବିଭାଗ ପକ୍ଷରୁ

**ରିଜର୍ଭେସନ୍ ପ୍ରକ୍ରିୟା ସ୍ଥଗିତ**

ଏନେଇ ନୂତନ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ସମସ୍ତ ଜିଲ୍ଲା ପ୍ରଶାସନକୁ ଏହା ସୂଚିତ କରାଯାଇଛି । ପୂର୍ବରୁ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ନିର୍ଣ୍ଣୟ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏପ୍ରିଲ ୬ ତାରିଖରେ ଏନେଇ ଚିଠି ମଧ୍ୟ ପଠାଯାଇଥିଲା ଏବଂ ଏପ୍ରିଲ ୨୦ ମଧ୍ୟରେ ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ରିପୋର୍ଟ ଦେବାକୁ କୁହାଯାଇଥିଲା । କିନ୍ତୁ ହଠାତ୍ ନିଷ୍ପତ୍ତି ପରିବର୍ତ୍ତନ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛି । ପ୍ରଶାସନିକ କାରଣ, ଆଇନଗତ ଜଟିଳତା କିମ୍ବା ରାଜନୈତିକ ହିସାବ, କ'ଣ ଥାଇପାରେ ଏହି ପଛର କାରଣ ? ଏହାକୁ ନେଇ ରାଜନୀତିକ ମଞ୍ଚରେ ଚର୍ଚ୍ଚା ହେଉଛି । ପଞ୍ଚାୟତ ନିର୍ବାଚନ ଆସନ ସଂରକ୍ଷଣ ପ୍ରକ୍ରିୟାର ସ୍ଥଗିତ ନିଷ୍ପତ୍ତି ପରେ ଏବେ ସମସ୍ତଙ୍କ ନଜର ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି ।

# ୮୫୦କୁ ବୃଦ୍ଧି ହେବ ଲୋକସଭା ଆସନ



**ନୂଆଦିଲ୍ଲୀ, ୧୪।୪:** ମହିଳା ସଂରକ୍ଷଣ ବିଲକୁ ଲାଗୁ କରିବା ଦିଗରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ପ୍ରସ୍ତାବ ଦେଇଛନ୍ତି । ଏଥିରେ ରାଜ୍ୟ ପାଇଁ ୮୧୫ ଆସନ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩୫ ଟି ଆସନ ସଂରକ୍ଷଣ ରହିବ । ଏହି ବିଲକୁ ସାଂସଦମାନଙ୍କୁ ଦିଆଯାଇ ସାରିଛି । ଏପ୍ରିଲ ୧୬ ରୁ ୧୮ ପର୍ଯ୍ୟନ୍ତ ହେଉଥିବା ସଂସଦର ଆଗାମୀ ସ୍ୱତନ୍ତ୍ର ଅଧିବେଶନରେ ଏହାକୁ ଆଗତ କରାଯିବ । ଏହା ଉପରେ ଚର୍ଚ୍ଚା କରାଯିବ ।

ସେହିପରି ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରଖିବା ପାଇଁ କେନ୍ଦ୍ର ସରକାର ନୂଆ ସଂଶୋଧନ କରିପାରନ୍ତି । ରିପୋର୍ଟ ଅନୁସାରେ ମହିଳାମାନଙ୍କ ପାଇଁ ଆବଣ୍ଟିତ ଆସନ ନିଷ୍ପତ୍ତି ନେବା ପାଇଁ ଏକ ସୀମା ନିର୍ଦ୍ଧାରଣ କମିଶନ ଗଠନ କରାଯିବ । ଏହା ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ ହୋଇପାରେ ।

ଏହା ପୂର୍ବରୁ ୨୦୨୭ ଜନଗଣନା ଓ ଏହାପରେ ହେବାକୁ ଥିବା ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପରେ ଏହି ସଂରକ୍ଷଣ ଲାଗୁ କରାଯିବ ବୋଲି କୁହାଯାଉଥିଲା । ଏହି ବିଲ୍ ପାରିତ ହେବା ସହିତ, ଲୋକସଭାର ପ୍ରାୟ ଏକ ତୃତୀୟାଂଶ ଆସନ, ଅର୍ଥାତ୍ ୨୭୩ ଆସନ, ମହିଳା ସାଂସଦଙ୍କ ପାଇଁ ସଂରକ୍ଷିତ ରହିବ ।

- ପ୍ରସ୍ତାବ ଦେଲେ କେନ୍ଦ୍ର ସରକାର
- ଏକତୃତୀୟାଂଶ ମହିଳାଙ୍କ ପାଇଁ ରହିବ ସଂରକ୍ଷଣ

ଅନେକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିରୋଧୀ ଦଳ ଏହି ପ୍ରସ୍ତାବକୁ ବିରୋଧ କରିବାର ସମ୍ଭାବନା ଅଛି । ବିରୋଧୀଙ୍କ ଅଭିଯୋଗ ସରକାର ଲୋକସଭା ଏବଂ ରାଜ୍ୟ ବିଧାନସଭା ଆସନରେ ପ୍ରାୟ ୫୦% ବୃଦ୍ଧି କରିବାକୁ ଚାହୁଁଛନ୍ତି ।

# ଆକାଶରୁ ହେଉଛି ଅଗ୍ନିବର୍ଷା ଜଳୁଛି ପଶ୍ଚିମରୁ ଉପକୂଳ

- ଅଧା ଓଡ଼ିଶାକୁ 'ହିଟ୍‌ୱେଭ୍' ୱାର୍ଣ୍ଣିଂ
- ୧୬ରୁ ଆହୁରି ବଢ଼ିବ ତାତି, ୨୦ ଯାଏ ମିଳିବନି ନିସ୍ତାର
- ପଶ୍ଚିମ ଓଡ଼ିଶାରେ ୪୫ ଡିଗ୍ରୀ ଛୁଇଁପାରେ ସର୍ବାଧିକ ତାପମାତ୍ରା



**ଭୁବନେଶ୍ୱର, ୧୪।୪:** ବୈଶାଖ ଆରମ୍ଭରୁ ଟାଇଁ ଟାଇଁ ଖରା ସହ ଆକାଶରୁ ନିଆଁ ବର୍ଷୁଛି । ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରୁଥିବା ବେଳେ ୧୬ ରୁ ୨୦ ଯାଏ ତାତିରୁ ନାହିଁ ତ୍ରାହି । ୫ ଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ପାଇଁ ଚେତାବନୀ ଜାରି ହୋଇଥିବା ବେଳେ ୪୫ ଡିଗ୍ରୀ ଛୁଇଁପାରେ ରାଜ୍ୟର ତାପମାତ୍ରା ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ରାଜ୍ୟରେ ହିଟ୍‌ୱେଭ୍' ୱାର୍ଣ୍ଣିଂ ଜାରି ହୋଇଛି ।

ପ୍ରବଳ ଖରା ଓ ଗୁଳୁଗୁଳି ପାଇଁ ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି । ଉପକୂଳରୁ ଉପାନ୍ତ ସବୁଠି ତାତି ଆକ୍ରାମାକ୍ତ କରୁଥିବା ବେଳେ ଆସନ୍ତା ୨୪ ଘଣ୍ଟା ପାଇଁ ଉପକୂଳ ଓଡ଼ିଶାର ୧୧ ଜିଲ୍ଲା ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ଅସହ୍ୟ ଗରମ ସହ ଗୁଳୁଗୁଳିର ହେବାର ସମ୍ଭାବନା ରହିଛି । ଏହି ଜିଲାଗୁଡ଼ିକୁ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ସେହିପରି ବୁଧବାର ଏହି ସବୁ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ଚେତାବନୀ ରହିଛି । ୧୬ ତାରିଖରୁ ଆହୁରି ବଢ଼ିବ ଗ୍ରୀଷ୍ମ ପ୍ରବାହ । ବିଶେଷ କରି ପଶ୍ଚିମ ଓଡ଼ିଶାର ୪ ଜିଲ୍ଲା ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା ଓ ସମ୍ବଲପୁରକୁ ଗ୍ରୀଷ୍ମ ପ୍ରବାହ ବା ହିଟୱେଭ ସହ ଉପକୂଳ ଓଡ଼ିଶାର ୧୧ ଜିଲ୍ଲାରେ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ସୋମବାର ଅନେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ଟପିଥିଲା । ଛୋଟ ପିଲା, ବରିଷ୍ଠ ନାଗରିକ, ଅସୁସ୍ଥ ଥିବା ଲୋକେ ଖରାରେ ବାହାରକୁ ନ ବାହାରିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।

## ଆଜିଠୁ ନୂଆ ଆଞ୍ଚଳିକ ଦଳ 'ଓଡ଼ିଶା ଜନତା କଂଗ୍ରେସ'

**ଭୁବନେଶ୍ୱର ,୧୪।୪:** ଆଜି ଆତ୍ମପ୍ରକାଶ କରିବ ନୂଆ ଆଞ୍ଚଳିକ ଦଳ ଓଡିଶା ଜନତା କଂଗ୍ରେସ । ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ବଡ ସମାବେଶ କରାଯିବ । ଏହାପୂର୍ବରୁ ମଙ୍ଗଳବାର ଦିନ ଓଡ଼ିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମ୍ ସଭାସ୍ଥଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ମୋକିମ୍ କହିଛନ୍ତି ଜେନ୍ ଜିଙ୍କୁ ନେଇ ଦଳ ଆଗକୁ ବଢିବ । ବିଜେପି ବିରୁଦ୍ଧରେ ଲଢେଇ ହେବ । ବିଜେଡ଼ି କଂଗ୍ରେସର ବହୁ ନେତା ଓ ବିଧାୟକ ଆମ ଯୋଗାଯୋଗରେ ଅଛନ୍ତି । ନିର୍ବାଚନ ସମୟରେ ସେମାନେ ଆମ ସହିତ ରହିବେ ବୋଲି ମୋକିମ୍ କହିଛନ୍ତି । ଓଡିଶାରେ ଏକମାତ୍ର ଆଂଚଳିକ ଦଳ ବିଜେଡ଼ି ଏବେ ଲୋକଙ୍କ ଠାରୁ ଦୁରେଇ ଯାଇଛି । ସେଥିପାଇଁ ଆମେ ବିକଳ୍ପ ଭାବେ ରାଜ୍ୟ ବାସୀଙ୍କ ସମର୍ଥନ ଲୋଡୁଛୁ ବୋଲି ମୋକିମ୍ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳ ଗଢ଼ି ଉଠିଛି । ଓଡ଼ିଶାରେ ବିଜେଡି ଗୋଟିଏ ଆଞ୍ଚଳିକ ଦଳ ରହିଛି ।

**ବିଜେଡି ଓ କଂଗ୍ରେସର ବହୁ ନେତା ଯୋଗାଯୋଗରେ ଅଛନ୍ତି : ମୋକିମ**

କଂଗ୍ରେସର ଅସ୍ତିତ୍ୱ ଲୋପ ପାଇଛି । ବିଜେଡି ଲୋକପ୍ରିୟତା ହରାଇଛି । ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛି । ନବୀନଙ୍କ ବୟସାଧିକ୍ୟ କାରଣ ନୂଆପଡ଼ା ନିର୍ବାଚନରେ ଜଣାପଡ଼ିଛି । ଯୁବ ନେତୃତ୍ୱ ଦଳରେ ତାଙ୍କ ଭବିଷ୍ୟତ ଦେଖିପାରୁ ନାହାନ୍ତି । ଏହି ସମୟରେ ଏକ ରାଜନୈତିକ ଦଳ ର ଆବଶ୍ୟକତା ଥିଲା ।

ମାତୃଭାଷା



# ଦିଲ୍ଲୀ-ଡେରାଡୁନ ଅର୍ଥନୈତିକ କରିଡରକୁ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



ଡେରାଡୁନ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରାଖଣ୍ଡରେ ବର୍ଷସାରା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶୀତକାଳୀନ ପର୍ଯ୍ୟଟନ, ଶୀତକାଳୀନ କ୍ରୀଡ଼ା ଏବଂ 'ଡେଷ୍ଟିନେସନ୍ ୱେଡ଼ିଂ' ଭାବରେ ରାଜ୍ୟର ବଢ଼ୁଥିବା ଲୋକପ୍ରିୟତାକୁ ସେ ରେଖାଙ୍କିତ କରିବା ସହ 'ଦେବଭୂମି'ରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଲୋକମାନଙ୍କୁ ଅନୁରୋଧ କରିଛନ୍ତି । ଡେରାଡୁନଠାରେ ଦିଲ୍ଲୀ-ଡେରାଡୁନ ଅର୍ଥନୈତିକ କରିଡରର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ଯେ ରାଜ୍ୟର ଅର୍ଥନୀତି ପାଇଁ ବାରମାସୀ ପର୍ଯ୍ୟଟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨୦୨୩ ମସିହାରେ ତାଙ୍କର କୈଳାସ ଏବଂ ଓମ୍ ପର୍ବତ ପରିଦର୍ଶନ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ସେବେଠାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଶୀତଦିନେ ମାତ୍ର କିଛି ଶହ ଲୋକ ଆସୁଥିବା ବେଳେ ୨୦୨୫ ମସିହାରେ ୪୦ ହଜାରରୁ ଅଧିକ ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରିଛି । ଦିଲ୍ଲୀ-ଡେରାଡୁନ ଅର୍ଥନୈତିକ କରିଡରର ଲାଭ ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ଦ୍ୱାରା ଆତିଥ୍ୟ, ପରିବହନ ଏବଂ ଅନ୍ୟାନ୍ୟ ସ୍ଥାନୀୟ ସେବା ସହ ଜଡ଼ିତ ଲୋକଙ୍କ ଆୟ ବୃଦ୍ଧି ପାଇବ । ସେ ଆଗାମୀ କୁମ୍ଭ ମେଳା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି ଏବଂ କହିଛନ୍ତି ଯେ ଧାର୍ମିକ ଅବସରରେ ଉତ୍ତରାଖଣ୍ଡ ପରିଦର୍ଶନ କରିବାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିବାର ସମ୍ଭାବନା ରହିଛି । ପର୍ଯ୍ୟଟନକୁ ବଜାୟ ରଖିବା ଏବଂ ରାଜ୍ୟ ପାଇଁ ଦୀର୍ଘକାଳୀନ ଅର୍ଥନୈତିକ ଲାଭ ସୁନିଶ୍ଚିତ କରିବା ପାଇଁ ଉତ୍ତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପବିତ୍ରତା ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବି.ଆର୍ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ପକ୍ଷରୁ ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗରିବ ଓ ବଞ୍ଚିତଙ୍କୁ ନ୍ୟାୟ ପ୍ରଦାନ ପାଇଁ ତାଙ୍କର ପ୍ରତିବଦ୍ଧତା ବିଷୟରେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ଏକ ଦଶନ୍ଧି ମଧ୍ୟରେ ସରକାରୀ ନୀତିର ଲକ୍ଷ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବା ଅଟେ । ପିଏମ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ 'ୟୁନିଫର୍ମ ସିଭିଲ୍ କୋଡ୍' ବା ସମାନ ନାଗରିକ ସଂହିତାର ସାମ୍ବିଧାନିକ ଆକାଂକ୍ଷାକୁ ଆଗକୁ ବଢ଼ାଇ ଉତ୍ତରାଖଣ୍ଡ ସମଗ୍ର ଦେଶକୁ ବାଟ ଦେଖାଇଛି । ଉତ୍ତରାଖଣ୍ଡର ବିକାଶ ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି ଯେ ରାଜ୍ୟ ବର୍ତ୍ତମାନ ଏହାର ୨୬ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ନୀତିଗତ ସମର୍ଥନ ଏବଂ ଜନଭାଗିଦାରୀ ମାଧ୍ୟମରେ ନୂତନ ମାଇଲଖୁଣ୍ଟ ହାସଲ କରିଚାଲିଛି । ସେ କହିଛନ୍ତି ଯେ ନୂତନ ଏକ୍ସପ୍ରେସୱେ ରାଜ୍ୟର ଅଭିବୃଦ୍ଧି ଏବଂ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବ ।

# ଭୁବନେଶ୍ୱରରେ ନିର୍ମାଣ ହେବ ଆମ୍ବେଦକର ଭବନ



ଭୁବନେଶ୍ୱର: ଆମ୍ବେଦକର କେବଳ ଏକ ନାମ ନୁହେଁ, ଏହାଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଭାରତରତ୍ନ ବାବା ସାହେବ ଡ ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ କହିଛନ୍ତି । ଏହି ଅବସରରେ ଭୁବନେଶ୍ୱର ଖାରବେଳ ନଗର ଠାରେ ଆମ୍ବେଦକର ଭବନ ନିର୍ମାଣ ହେବ ଏବଂ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର ପ୍ରସ୍ତୁତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନଭରି ଲଢ଼େଇ କରିଥିଲେ । ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ଆଜି ଡଃ ଆମ୍ବେଦକରଙ୍କ ପାଇଁ ସମ୍ଭବ ହୋଇଛି । ସମାଜର ସବୁଠାରୁ ପଛୁଆ ଲୋକଙ୍କ ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ସମ୍ଭବ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରେ ଆମ୍ବେଦକରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି । ମୋଦୀଜୀ ଡ. ବାବା ସହେବଙ୍କ ଜୀବନୀ ସହିତ ଜଡିତ ୫ଟି ସ୍ଥାନକୁ ବିକଶିତ କରି ପଞ୍ଚତୀର୍ଥ ଭାବେ ନାମକରଣ କରିଛନ୍ତି । ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# କଲ୍ୟାଣସିଂପୁର ବ୍ଲକ ସଦର ମହକୁମାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ରାୟଗଡ଼ (ମାନିସ) : ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣସିଂପୁର ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରାୟଗଡ ଶ୍ରୀ ରମେଶ କୁମାର ଜେନା, ଅତିରିକ୍ତ ଆରକ୍ଷୀ ଆଧକ୍ଷ ଶ୍ରୀ ଗସେନ ବାର୍ଲା, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ବି ସରୋଜିନୀ ଦେବୀ, ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୩୪ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୮ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା କ୍ଷ ଏହି ଶିବିରରେ ବିଭିନ୍ନ ସମସ୍ୟା ମାନ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ଜଣକୁ ୧୦ହଜାର ଟଙ୍କା ରେଡ କ୍ରସ ପାଣ୍ଠିରୁଜିଲ୍ଲାପାଳ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶିବିରରେ ତହସିଲଦାର,କଲ୍ୟାଣ ସିଂପୁର, ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମନୀଷା ଦାସ, ସହକାରୀ ଜିଲ୍ଲାପାଳ (ଗ୍ରୀଭାନ୍ସ) ଶିବ ପ୍ରସାଦ ସାହୁ ପରିଚାଳନା କରିଥିଲେ ।

# ରାୟଗଡ଼ରେ ବ୍ଲକସ୍ତରୀୟ ଓଡ଼ିଆ ନବବର୍ଷ ପାଳିତ

## କଳାକାର ହେଲେ ପୁରସ୍କୃତ, ଝୋଟି ଓ ଚିତାର କଲେ ପ୍ରସଂଶା,ଓଡ଼ିଆ ନବବର୍ଷରେ ବଣ୍ଟାଗଲା ପଣା



ରାୟଗଡ଼ (ମାନିସ) : ରାୟଗଡ଼ ସଦର ବ୍ଲକରେ ଓଡ଼ିଆ ନବବର୍ଷ ମଙ୍ଗଳବାର ଦିନ ଧୁମଧାମରେ ପାଳିତ ହୋଇଛି । ଏଥିରେ ମାନ୍ୟବର ଗଣଶିକ୍ଷାମନ୍ତ୍ରୀ ତଥା ଜିଲ୍ଲା ଯୋଜନା ବୋର୍ଡର ନବ ନିଯୁକ୍ତ ଅଧ୍ୟକ୍ଷ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ । ବିଶାଳ ଶୋଭାଯାତ୍ରାରେ ପହଞ୍ଚିବାପରେ ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବିଡିଓ ସୁଜିତ କୁମାର ମିଶ୍ର ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ନବବର୍ଷ ଉପଲକ୍ଷେ ବ୍ଲକ ପରିସର ଆକର୍ଷଣୀୟ ଚିତା, ଝୋଟି, ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହୋଇଥିଲା ଓଡ଼ିଆ ପକ୍ଷରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ବିଜେତାଙ୍କୁ ପୁରସ୍କାର ଓ ମାନପତ୍ର ବଣ୍ଟନ କରାଯାଇଥିଲା । ସ୍ଥାନୀୟ ଲୋକକଳାକୁ ଉଜ୍ଜିବିତ ରଖିବାରେ ଅତୁଳନୀୟ ଅବଦାନ ନିମନ୍ତେ ଗେଟିପଡା ସ୍ଥିତ ମା ସନ୍ତୋଷୀ କଳା ପ୍ରତିଷ୍ଠାନ ଓ ଜପାଖାଲସ୍ଥିତ ମା ମଙ୍ଗଳା କଳା ପ୍ରତିଷ୍ଠାନ, ରାୟଗଡ଼ ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ ତାଣ୍ଡି ତଥା କଳାକାରଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଝୋଟି ଚିତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଶଟି ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା । ଅଂଶିଦାର ହେବାପାଇଁ ଆହ୍ୱାନ ଜଣାଇଛନ୍ତି । କାର୍ଯ୍ୟକ୍ରମରେ ଏବିଡିଓ କାଳୁଚରଣ ନାୟକ, ବିଭାଗୀୟ ଅଧିକାରୀ ରାଜ କିଶୋର ଦାଶ, ଜିପିଡିଓ ସ୍ମୃତିରେଖା ନାୟକ, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ସମସ୍ତ ବ୍ଲକ କର୍ମକର୍ତ୍ତା ସହଯୋଗ କରିଥିଲେ । ପଣା ସଂକ୍ରାନ୍ତି ଅବସରରେ ସଭିଙ୍କୁ ପଞ୍ଚାୟତ ସମିତି ତରଫରୁ ପଣା ବଣ୍ଟନ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଗଣ୍ଡ ଆୟୋଜନର ଭୂୟସୀ ପ୍ରଶଂସା କରିବା ସହ ରାୟଗଡ଼ ବିକାଶର ଏକ ଉଦାହରଣ ବ୍ଲକ ହେଉ, ଲୋକଙ୍କ ବିକାଶରେ ହିଁ ଦେଶର ବିକାଶ ସମ୍ଭବ ବୋଲି କହିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଗଣ୍ଡ ରାୟଗଡ଼ବାସୀଙ୍କୁ ନବ ବର୍ଷର ଶୁଭେଚ୍ଛା ଜ୍ଞାପନ କରିବା ସହ ସଭିଙ୍କୁ ବିକାଶର

# ଲାଙ୍ଗୁଳା ମହାବୀର ଷଷ୍ଠତମ ବାର୍ଷିକ ଉତ୍ସବ



ବାରଙ୍ଗ (ମାନିସ) : ବାରଙ୍ଗ ଥାନା ଅଧୀନସ୍ଥ ସୀତାରାମ ବଜାରସ୍ଥ ଶ୍ରୀ ଲାଙ୍ଗୁଳା ମହାବୀରଙ୍କ ପବିତ୍ର ପୀଠରେ ତ୍ରିଦିନାତ୍ମକ ଷଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଦିନ ଶେଷ ହୋଇଯାଇଛି । ସମସ୍ତ ରିତୀ କାନ୍ତି ଅନୁସାରେ ରବିବାର- ପ୍ରାତଃ ୬.୩୦ ମଧ୍ୟ କଳସଯାତ୍ରା, ଯଜ୍ଞାରମ୍ଭ, ଆଳତୀ ସୂର୍ଯ୍ୟପୂଜା, ଘଟମଣ୍ଡଳାଦି ପୂଜା, ରାମ ଓ ହନୁମାନ ସହସ୍ର ନାମ ହବନ୍, ଆଳତୀ ପୁଷ୍ପାଞ୍ଜଳୀ ଆଦି କରାଯାଇ ଥିଲା । ଦ୍ୱିତୀୟ ଦିନ ସୋମବାର ସୂର୍ଯ୍ୟ ପୂଜା ଘଟମଣ୍ଡଳାଦି, ଗୀତା ପାଠ, ଓ ୧୦୮ ହନୁମାନ ଚାଳିଶା,ସହିତ ଶେଷ ମଙ୍ଗଳ ବାର ଦିନ ସୂର୍ଯ୍ୟ ପୂଜା ଗୋ ପୂଜା, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଥିଲା । ଅଂଚଳ ର ଶତାଧିକ ଶ୍ରଦ୍ଧାଳୁ ଲାଙ୍ଗୁଳା ମହାବୀରଙ୍କ କରୁଣା ଭିକ୍ଷା ଲାଭ କରି ନିଜକୁ ଧନ୍ୟ ମଣିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଦିଲ୍ଲିପ କୁମାର ବେହେରା, ସମିତି ସଭ୍ୟ ବନାନୀ ସ୍ୱାଇଁ, ଯଯାତି ବେହେରା, ଗଜେନ୍ଦ୍ର ରଣା, ରାଜା ସେଠୀ, ସୁନା ନନ୍ଦ, ଲଣ୍ଡା ପାତ୍ର, ଅମ୍ବିକା ମୋହା ପାତ୍ର, ବାବୁଲା ପାତ୍ର, ଜୟଦେବ ବେହେରା, ପ୍ରମୁଖ ସମସ୍ତ କାର୍ଯ୍ୟ ସୂଚାରରୂପେ କରିଥିଲେ ।

# ସମ୍ବିଧାନ ପ୍ରଣେତା ଡ଼ଃ ବି.ଆର.ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ



ରାୟଗଡ଼ (ମାନିସ) : ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡଃ. ବାବାସାହେବ ଭୀମାରାଓ ଆମ୍ବେଦକରଙ୍କ ୧୩୬ ତମ ଜୟନ୍ତୀ ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି କ୍ଷ ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡା ସହରର ବସଷ୍ଟାଣ୍ଡ ନିକଟସ୍ଥ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖ ଟ୍ରାଫିକ ଛକ ଓ ରାମା ଟକିଜ ନିକଟସ୍ଥ ଆମ୍ବେଦକର ନଗରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ଶ୍ରୀଯୁକ୍ତ ସପ୍ତଗିରି ଶଙ୍କର ମାନ୍ୟବର, ମାନ୍ୟବର ସାଂସଦ କୋରାପୁଟ ଲୋକସଭା, ଶ୍ରୀଯୁକ୍ତ କାଡ୍ରାକା ଅପ୍ପଲଲ ସ୍ୱାମୀ, ମାନ୍ୟବର ବିଧାୟକ, ରାୟଗଡ଼, ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲାପାଳ, ରାୟଗଡ଼, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର,ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ,ଉପଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ପ୍ରକଳ୍ପ ପ୍ରଶାସକ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ଶ୍ରୀ ଚନ୍ଦ୍ର କାନ୍ତ ମାଝୀ,ଶିକ୍ଷବିତ୍ତ ଡ୍. ଦୁଷ୍ମନ୍ତ କୁମାର ମହାନ୍ତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ସମାଜ ସେବୀ ବି କକ୍ଷନ୍ତା ରାଓ,ଆଇନଜୀବୀ ପ୍ରଦୀପ ଦାଶ, ତ୍ରିନାଥ ବିଭାର ଏବଂ ଆମ୍ବେଦକର ପ୍ରେମୀ ଯୋଗଦାନ କରି ମଲ୍ୟାର୍ପଣ କରିଥିଲେ । ଏହାପରେ ସ୍ଥାନୀୟ ରାୟଗଡ ମହିଳା ମହାବିଦ୍ୟାଳୟ ଠାରେ ଅଧକ୍ଷା ଡ଼ଃ ଅର୍ଚ୍ଚନା ପଟ୍ଟନାୟକଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ବକ୍ତା ଶିକ୍ଷବିତ୍ତ ଡ୍. ଦୁଷ୍ମନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ଶ୍ରୀ ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,ଶ୍ରୀ କହଁର, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଖେମୁଣ୍ଡୁ, ପ୍ରକଳ୍ପ ପ୍ରଶାସକ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ଶ୍ରୀ ମାଝୀ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ଼ଃ ବି.ଆର ଆମ୍ବେଦକରଙ୍କ ସଂଘର୍ସମୟ ଜୀବନୀ ଓ ଆଦର୍ଶ ଗୁଣାବଳୀ ଉପରେ ଉପସ୍ଥାପନା କରି କହିଥିଲେ ଯେ ଆମ୍ବେଦକର ସାମାଜିକ ଗଣତନ୍ତ୍ରର ପ୍ରତିଷ୍ଠାତା ଥିଲେ ଓ ତାଙ୍କ ସଙ୍ଘର୍ଷମୟ ଜୀବନ ଓ ଭାରତ ପାଇଁ ତାଙ୍କର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ କ୍ଷ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶାନ୍ତିଲତା ମିଶ୍ର ପରିଚାଳନା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଏଲିଜାବେଥ ନାୟକ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଶ୍ରୀକାନ୍ତ ପାଣିଗ୍ରାହୀ, ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରୀମତୀ ମିତା ନାୟକ, ଶ୍ରୀମତୀ ଭାରତୀ ଚୌଧୁରୀ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ଭାରତୀ ପଟ୍ଟନାୟକ, ସମାଜ ସେବି କାନ୍ତକ୍ଷ ରାଓ, ଗଣମାଧ୍ୟମ ପ୍ରତିନିଧି ମାନେ ଆଦି ଯୋଗ ଦେଇଥିଲେ କ୍ଷ ଡ଼ଃ ଅମ୍ବେଦକରଙ୍କ ଜୟନ୍ତି ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାରେ କୃତି ପ୍ରତିଯୋଗିମାନଙ୍କୁ ଅଥିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଦେବରାଜ ଟାକ୍ରୀ ଧନ୍ୟବାଦ ଅର୍ପଣ କରିଥିଲ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କୁମୁଦିନୀ ମିଶ୍ରଲ, ମାନସ ରଞ୍ଜନ ସାହୁ,ସୁଭାଷ କେରକେଟା, ସମ୍ରାଟ ସାହୁ,ରଂଜିତ ପୀରବାକ, ଚନ୍ଦ୍ର ଶେଖର ପ୍ରମୁଖ ସହଯୋଗ କରିଥିଲେ ।



କଟକରେ ଝାମୁଯାତ୍ରା (ଫଟୋ : ମାତୃଭାଷା)

# ଗୁଣୁପୁରରେ ଆମ୍ବେଦକର ଜୟନ୍ତୀ ଓ ବିଷୁବ ମିଳନ ଅନୁଷ୍ଠିତ

ରାୟଗଡ଼ା (ମାନିସ) : ରାୟଗଡା ଜିଲ୍ଲା ଗୁଣପୁରସ୍ଥ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ଆମ୍ବେଦକର ଜୟନ୍ତୀ ଓ ମହା ବିଷୁବ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ପ୍ରଶାସନ ଓ କଳିଙ୍ଗ ସାହିତ୍ୟ ଘର ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ ମୁଖ୍ୟ ଅତିଥି, ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ, ଯୋହନ ବଡ଼ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୂଚନା କେନ୍ଦ୍ରରେ ପ୍ରାୟ ତିନି ହଜାରରୁ ଅଧିକ ବହି ଗଚ୍ଛିତ ଥିବାବେଳେ ସଭ୍ୟ ସଂଖ୍ୟା କମ ଥିବାରୁ ସଭ୍ୟ ସଭ୍ୟା ବୃଦ୍ଧି କରିବା, ପାଠକ ସୃଷ୍ଟି କରିବା, ପାଠଗରକୁ ଆସୁଥିବା ଖବର କାଗଜ ପ୍ରତି ଲୋକଙ୍କୁ ସଚେତନ କରିବା, ମୋବାଇଲ ଛାଡି ଓଡ଼ିଆ ସାହିତ୍ୟ ପ୍ରତି ରୁଚି ବଢାଇବା ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆମ୍ବେଦକରଙ୍କ ପଢିବା ସମୟ ଯେପରି ଚଉଦ ଘଣ୍ଟାରୁ ଅଧିକ ଥିଲା ସେପରି ଆମେ ପଢିବା ସମୟ ମଧ୍ୟ ଧାର୍ଯ୍ୟ କରିବା, ହନୁମାନଙ୍କ ଜ୍ଞାନ ଓ ଧର୍ଯ୍ୟର ସୀମାକୁ ନିଜ ଭିତରେ ରଖିବା ବୋଲି ମୁଖ୍ୟ ଅତିଥି ଶ୍ରୀ ଦୁଧାଲ ମତବ୍ୟକ୍ତ କରିଥିଲେ । ଓଡ଼ିଆ ନବ ବର୍ଷ, ବିଷୁବ ସଂକ୍ରାନ୍ତିର ଶୁଭ ଦିନରେ ସଭ୍ୟ ସଭ୍ୟା ବୃଦ୍ଧି ନିମନ୍ତେ ସମସ୍ତେ ଆଗଭର ହେବାକୁ ଅନୁରୋଧ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ସଭାପତିତ୍ୱ କରିଥିଲେ, ଅନନ୍ତ ପାତ୍ର ସଂଯୋଜନା କରିଥିବା ବେଳେ କଳିଙ୍ଗ ସାହିତ୍ୟ ଘର ସଭାପତି ସୁରେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଲିପ୍ସା କହଁର, ଅଭିଷେକ ଶତପଥୀ, ମନରେଗା ଲୋକପାଳ ଅକ୍ଷୟ ଶତପଥୀ, ବରିଷ୍ଠ ସାମ୍ବାଦିକ ତ୍ରିନାଥ ଖଡଙ୍ଗା, ଦେବୀ ପ୍ରସାଦ ମିଶ୍ର ପ୍ରମୁଖ, ବରିଷ୍ଠ ସାହିତ୍ୟିକ ପ୍ରତାପ ରାୟ, ପ୍ରଭାତ ଶତପଥୀ, ରମେଶ ମିଶ୍ର, ବେବିରାଣୀ ନନ୍ଦ, ସେବା ସମାଜ ସମ୍ପାଦିକା ରାଜେଶ୍ୱରୀ ଦଳାଇ, ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁସ୍ମିତା ବାଉରୀ ପ୍ରମୁଖ ଯୋଗ ଦେଇଥିଲେ । ସୋମନାଥ ଗମାଙ୍ଗ, ରବି କୁମ୍ଭାର ସହଯୋଗ କରିଥିଲେ ।



କଟକ: ହନୁମାନ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା (ଫଟୋ : ମାତୃଭାଷା)

# ବଦଳୁଛି ପଶ୍ଚିମ ଏସିଆ ସ୍ଥିତି: ଦେଶରେ ଜାଳେଣି ଓ ଶକ୍ତି ସୁରକ୍ଷା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି କେନ୍ଦ୍ର ସରକାର

ନୂଆଦିଲ୍ଲୀ (ପିଆଇବି) : ପଶ୍ଚିମ ଏସିଆରେ ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ପ୍ରମୁଖ ଯୋଗାଣ ଶୃଙ୍ଖଳକୁ ନିରବଚ୍ଛିନ୍ନ ରଖିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଶେଷ କରି ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ପ୍ରଭାବିତ ଅଞ୍ଚଳରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ବିଷୟରେ ନିୟମିତ ଭାବେ ଦେଶବାସୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରୁଛନ୍ତି । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ? ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ବିବରଣୀ ଏବେ ଦେଶକୁ ଶକ୍ତି ଯୋଗାଣ ନିରନ୍ତର ଜାରି ରହିଛି । ବର୍ତ୍ତମାନର ଜାଳେଣି ଯୋଗାଣ ସ୍ଥିତି ବିଷୟରେ ସୂଚନା ଦେଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, 'ହରମୁଜ' ପ୍ରଣାଳୀକୁ ପ୍ରଭାବିତ କରୁଥିବା ଘଟଣାବଳୀ ମଧ୍ୟରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲ୍ ?ପିଜିର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । ଏହିକ୍ରମରେ ନାଗରିକମାନଙ୍କୁ ଆତଙ୍କିତ ହୋଇ ପେଟ୍ରୋଲ, ଡିଜେଲ ଏବଂ ଏଲ୍ ?ପିଜି କିଣିବାରୁ ବାରଣ କରାଯାଇଛି । ଗୁଜବରୁ ସାବଧାନ ରହିବା ସହ ସଠିକ ସୂଚନା ପାଇଁ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି । ଏଲ୍ପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକଙ୍କ ପାଖକୁ ଯିବାକୁ ବାରଣ କରିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ପିଏନ୍ ?ଜି ଏବଂ ଇଲେକ୍ଟ୍ରିକ୍ ବା ଇନଡକ୍ସନ କୁକଟପ୍ ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ବର୍ତ୍ତମାନର ପରିସ୍ଥିତିରେ ସମସ୍ତ ନାଗରିକଙ୍କୁ ଦୈନନ୍ଦିନ ବ୍ୟବହାର ସମୟରେ ଶକ୍ତି ସଂରକ୍ଷଣ କରିବାକୁ ଅନୁରୋଧ କରାଯାଇଛି । ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲ୍ପିଜି, ଘରୋଇ ପିଏନ୍ଜି ଏବଂ ସିଏନ୍ଜି ପରିବହନ ପାଇଁ ୧୦୦% ଯୋଗାଣ ସୁନିଶ୍ଚିତ କରିଛନ୍ତି । ବାଣିଜ୍ୟିକ ଏଲ୍ ?ପିଜି ପାଇଁ ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି । ଏହା ବ୍ୟତୀତ ଫାର୍ମା, ଇସ୍ପାତ, ଅଟୋମୋବାଇଲ୍, ବିହନ, କୃଷି ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି । ଏହା ସହିତ, ୨ ଏବଂ ୩ ମାର୍ଚ୍ଚ ୨୦୨୬ ର ହାରାହାରି ଦୈନିକ ଯୋଗାଣ ଆଧାରରେ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ୫ କିଲୋଗ୍ରାମ ଏଫଟିଏଲ୍ର ଯୋଗାଣକୁ ଦ୍ୱିଗୁଣିତ କରାଯାଇଛି । ସରକାର ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ଯୁକ୍ତିଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି, ସହରାଞ୍ଚଳରେ ବୁକିଂ ବ୍ୟବଧାନକୁ ୨୧ ରୁ ୨୫ ଦିନକୁ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଯୋଗାଣ ପାଇଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ । ଏଲ୍ ?ପିଜି ଚାହିଦା ଉପରେ ଚାପ କମାଇବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଜାଳେଣି ଉପଲବ୍ଧ କରାଯାଇଛି । କୋଇଲା ମନ୍ତ୍ରଣାଳୟ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କଲିୟରିଜକୁ କ୍ଷୁଦ୍ର ଏବଂ ମଧ୍ୟମ ଗ୍ରାହକଙ୍କୁ ବିତରଣ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛି । ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକଙ୍କ ପାଇଁ ନୂତନ ପିଏନ୍ ?ଜି ସଂଯୋଗକୁ ସୁଗମ କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଆଇନ- ୧୯୫୫ ଏବଂ ଏଲ୍ ?ପିଜି ନିୟନ୍ତ୍ରଣ ଆଦେଶ- ୨୦୦୦ ଅନୁଯାୟୀ ରାଜ୍ୟ ସରକାରମାନଙ୍କୁ ଯୋଗାଣ ଉପରେ ନଜର ରଖିବା ଏବଂ କଳାବଜାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି । ପେଟ୍ରୋଲ, ଡିଜେଲ ଏବଂ ଏଲ୍ ?ପିଜି ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସ୍ଥିତିର ନିରୀକ୍ଷଣ ଏବଂ ନିୟନ୍ତ୍ରଣ କରିବାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ପ୍ରାଥମିକ ଭୂମିକା ଗ୍ରହଣ କରିବାକୁ ହେବ । ଭାରତ ସରକାର ଏକାଧିକ ଚିଠି ଏବଂ ଭିଡିଓ କନଫରେନ୍ସ ମାଧ୍ୟମରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ଏହା ଦୋହରାଇଛନ୍ତି । ପର୍ଯ୍ୟାପ୍ତ ଜାଳେଣି ଉପଲବ୍ଧତା ସମ୍ପର୍କରେ ନାଗରିକମାନଙ୍କୁ ଆଶ୍ୱାସନା ଦେବା ପାଇଁ ଭାରତ ସରକାର ମାର୍ଚ୍ଚ ୨୭ ଏବଂ ଏପ୍ରିଲ ୨ ତାରିଖର ଚିଠି ଜରିଆରେ ସକ୍ରିୟ ଜନସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ସହିତ ନିୟମିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ, ସଚିବ, ଏମ୍ଓପିଏନ୍ଜି ଙ୍କ ଅଧ୍ୟକ୍ଷତାରେ ଏପ୍ରିଲ ୨ ତାରିଖରେ ଏବଂ ସଚିବ, ଏମଓପିଏନ୍ଜି ସହିତ ଏପ୍ରିଲ ୬ ତାରିଖରେ ସୂଚନା ଏବଂ ପ୍ରସାରଣ ଏବଂ ଗ୍ରାହକ ବ୍ୟାପାର ସଚିବଙ୍କ ଅଧ୍ୟକ୍ଷତାରେରେ ବୈଠକ ଡକାଯାଇଥିଲା, ଯେଉଁଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଭିତରେ ରହିଛି, ଦୈନିକ ପ୍ରେସ ବ୍ରିଫିଂ ଏବଂ ନିୟମିତ ସର୍ବସାଧାରଣ ପରାମର୍ଶ ଜାରି କରିବା ସସ ସୋସିଆଲ ମିଡିଆରେ ମିଥ୍ୟା ଖବର ବା ଭ୍ରମାତ୍ମକ ସୂଚନାର ସକ୍ରିୟ ନିରୀକ୍ଷଣ ଏବଂ ପ୍ରତିହତ କରିବା । ସେହିପରି ଜିଲ୍ଲା ପ୍ରଶାସନ ଦ୍ୱାରା ଦୈନିକ ପ୍ରବର୍ତ୍ତନ ଅଭିଯାନକୁ ଜୋରଦାର କରିବା ଏବଂ ତୈଳ ବିପଣନ କମ୍ପାନୀଗୁଡିକ ସହିତ ସମନ୍ୱୟ ରକ୍ଷା କରି ଚଢ଼ାଉ ଏବଂ ଯାଞ୍ଚ ଜାରି ରଖିବା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ନିଜ ନିଜ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ବାଣିଜ୍ୟିକ ଏଲ୍ପିଜି ଆବଣ୍ଟନ ଆଦେଶ ଜାରି କରିବା, ଆବଣ୍ଟିତ ଅତିରିକ୍ତ କିରୋସିନ ପାଇଁ ଆବଣ୍ଟନ ଆଦେଶ ଜାରି କରିବା, ପିଏନ୍ଜି ଆପଣାଇବା ଏବଂ ବିକଳ୍ପ ଜାଳେଣିକୁ ପ୍ରୋତ୍ସାହିତ କରିବା, ଏବଂ ବିଶେଷ କରି ଘରୋଇ ଆବଶ୍ୟକତା ପାଇଁ ଏଲ୍ପିଜି ଯୋଗାଣକୁ ପ୍ରାଥମିକତା ଦେବା ଏବଂ ଯୋଗାଣ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡରର ଲକ୍ଷ୍ୟଧାର୍ଯ୍ୟ ବିତରଣ ଗ୍ରହଣ କରିବା ବିଷୟରେ ଏହି ବୈଠକଗୁଡ଼ିକରେ ଗୁରୁତ୍ୱାରୋପ କରାଯାଇଛି । କଳାବଜାରୀ ଏବଂ ମହଜୁଦକାରୀଙ୍କୁ ରୋକିବା ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ କଣ୍ଟ୍ରୋଲ ରୁମ ଏବଂ ଜିଲ୍ଲା ନିରୀକ୍ଷଣ କମିଟି ଗଠନ କରିଛନ୍ତି । ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରେସ ବ୍ରିଫିଂ ଜାରି କରୁଛନ୍ତି । ଏଲ୍ ?ପିଜି ର କଳାବଜାରୀ ଏବଂ ମହଜୁଦକାରୀଙ୍କୁ ରୋକିବା ପାଇଁ ସାରା ଦେଶରେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଏପ୍ରିଲ ୧୩ରେ, ସାରା ଦେଶରେ ୨,୯୫୦ ରୁ ଅଧିକ ଚଢ଼ାଉ କରାଯାଇଛି । ନିକଟରେ ୧୧ ଏପ୍ରିଲ ୨୦୨୬ରେ, କେରଳର ଯୋଗାଣ ବିଭାଗର ଅଧିକାରୀମାନେ ଥିରୁଅନନ୍ତପୁରମର ଆଟିଙ୍ଗଲରେ ଏକ ବେସରକାରୀ ଗ୍ୟାସ ଏଜେନ୍ସି ପରିସରରୁ ପ୍ରାୟ ୫୦୦ ଅବୈଧ ଭାବେ ଗଚ୍ଛିତ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି । ବର୍ତ୍ତମାନର ଏଲ୍ ?ପିଜି ଅଭାବ ସମୟରେ ଏଲ୍ପିଜି କଳାବଜାରୀକୁ ରୋକିବା ପାଇଁ ଏହି ଚଢ଼ାଉ ଏକ ସ୍ୱତନ୍ତ୍ର ପ୍ରବର୍ତ୍ତନର ଅଂଶ ଥିଲା । ରାଜ୍ୟ ବିଭାଗ ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛି ।

## ହ୍ୱାଲୋ ବଲିଉଡ୍




### ‘ପୁଷ୍ପା-୨’ ଠାରୁ ୩୦ କୋଟି ଦୂରରେ ‘ଧୁରନ୍ଧର-୨’

ରଣବୀର ସିଂହଙ୍କ ‘ଧୁରନ୍ଧର୍: ଦ ରିଭେଞ୍ଜ’ ଥିଏଟରରେ ଦମ୍‌ଦାର ପ୍ରଦର୍ଶନ କରୁଛି । ଫିଲ୍ମ ରିଲିଜ୍‌କୁ ୨୬ ଦିନ ବିତିଗଲାଣି । ୪ ସପ୍ତାହ ପରେ ବି ଏହାର ବ୍ୟବସାୟ ଜାରି ରହିଛି । ସ୍ୟାକ୍‌ନିଲ୍କ ଅନୁସାରେ, ବିଶ୍ୱସ୍ତରରେ ‘ପୁଷ୍ପା-୨’ର କଲେକ୍ସନ୍ ରେକର୍ଡର ପାଖାପାଖି ପହଞ୍ଚିଛି ‘ଧୁରନ୍ଧର୍-୨’ । ୨୫ତମ ଦିନ ସୁଦ୍ଧା ବିଶ୍ୱସ୍ତରରେ ଏହାର କଲେକ୍ସନ୍ ୧,୭୧୨.୯୮ କୋଟି ହୋଇଛି । ‘ପୁଷ୍ପା-୨’ର ଲାଇଫ୍‌ଟାଇମ୍ ୱାର୍ଲଡ୍‌ୱାଇଡ୍ କଲେକ୍ସନ୍ ୧,୭୪୨.୧୦ କୋଟି । ‘ଧୁରନ୍ଧର୍-୨’କୁ ଏହି ରେକର୍ଡ ଭାଙ୍ଗିବା ପାଇଁ ୩୦ କୋଟିରୁ କମ୍ ଆବଶ୍ୟକ । ଟିକଟ ବିକ୍ରି ମାମଲାରେ ‘ଧୁରନ୍ଧର-୨’ ଏବେ ବି ‘ପୁଷ୍ପା-୨’ଠୁ ପଛରେ ଅଛି । ରିପୋର୍ଟ ଅନୁସାରେ, ‘ଧୁରନ୍ଧର୍-୨’ର ଅଦ୍ୟାବଧି ୧.୭୧ କୋଟି ଟିକଟ ବିକ୍ରି ହୋଇଛି । ଅନ୍ୟପକ୍ଷେ, ‘ପୁଷ୍ପା-୨’ର ୧.୯୨ କୋଟି ଟିକଟ ବିକ୍ରି ହୋଇଥିଲା । ଭରତରେ ଆୟ ମାମଲାରେ ଏହା ୧,୨୩୪.୧୦ କୋଟି ନେଟ୍ କଲେକ୍ସନ୍ କରିଥିଲା । ‘ଧୁରନ୍ଧର୍-୨’ ଅଦ୍ୟାବଧି ୧.୦୮୩.୬୭ କୋଟି କଲେକ୍ସନ୍ କରିଛି । ଅର୍ଥାତ୍ ଘରୋଇ ମାର୍କେଟରେ ଏହା ଏବେ ‘ପୁଷ୍ପା-୨’ଠୁ ୧୫୦.୪୩ କୋଟି ଟଙ୍କା ପଛରେ ଅଛି । ହିନ୍ଦୀ ବେଲ୍‌ଟରେ ‘ଧୁରନ୍ଧର୍-୨’ର ଭଲ ଆୟ ହେଉଛି । ଫିଲ୍ମର ମୋଟ୍ କଲେକ୍ସନ୍‌ର ୯୪ ପ୍ରତିଶତ ଅର୍ଥାତ୍ ୧,୦୧୭.୭୯ କୋଟି ଟଙ୍କା କେବଳ ହିନ୍ଦୀ ମାର୍କେଟ୍‌ରୁ ଆସିଛି । କିନ୍ତୁ ତେଲୁଗୁ ମାର୍କେଟରେ ଏହା କେବଳ ୪୧.୮୫ କୋଟି ଆୟ କରିଛି । ସେଥିପାଇଁ ଭାରତରେ ଫିଲ୍ମର ମୋଟ୍ କଲେକ୍ସନ୍ ‘ପୁଷ୍ପା-୨’ଠୁ ପଛରେ । ବିଦେଶରେ ‘ଧୁରନ୍ଧର୍-୨’ ୪୧୫.୫୦ କୋଟି କଲେକ୍ସନ୍ କରିଛି ।

# ରାଷ୍ଟ୍ର ନିର୍ମାଣରେ ବାବା ସାହେବଙ୍କ ଉଦ୍ୟମ ପ୍ରେରଣାଦାୟକ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ମଙ୍ଗଳବାର ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମବାର୍ଷିକୀ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉପରାଷ୍ଟ୍ରପତି ସି.ପି.

**ଆମ୍ବେଦକରଙ୍କ ୧୩୫ତମ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ**

ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ସାଂସଦ ମଲ୍ଲିକାର୍ଜୁନ ଖଡଗେ ଏବଂ ଅନ୍ୟ ସାଂସଦମାନେ ସଂସଦ ପରିସରରେ ଥିବା ବି.ଆର. ଆମ୍ବେଦକରଙ୍କ ପ୍ରେରଣା ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟ୍ୱିଟରରେ ପୋଷ୍ଟ କରି କହିଛନ୍ତି ପୋଷ୍ଟ ଭାରତୀୟ ସମ୍ବିଧାନର



ମୁଖ୍ୟ ନିର୍ମାତା ଏବଂ ମହାନ ସମାଜ ସଂସ୍କାରକ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମବାର୍ଷିକୀ ଅବସରରେ, ମୁଁ ତାଙ୍କୁ ସାଦର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ବାବାସାହେବ ଜଣେ ଆଇନବିତ୍, ଅର୍ଥନୀତିଜ୍ଞ, ଆଇନ ବିଦ୍ୱାନ ଏବଂ ଏକ ସମାନତାବାଦୀ ସାମାଜିକ ବ୍ୟବସ୍ଥାର ଜଣେ ଦୃଢ଼ ପ୍ରବକ୍ତା ଥିଲେ।

ସେ କେବଳ ଅସମାନତା ଦୂର କରିବାର ପଥ ଦେଖାଇ ନଥିଲେ ବରଂ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଅଧିକାରକୁ ସୁଦୃଢ଼ କରିବାରେ ମଧ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଡକ୍ଟର ଆମ୍ବେଦକର ମହିଳା ଶିକ୍ଷା ଏବଂ ସେମାନଙ୍କର ଅଧିକାରକୁ ପ୍ରାଥମିକତା ଦେଇଥିଲେ। ତାଙ୍କର ବହୁମୁଖୀ ଅବଦାନ ଭବିଷ୍ୟତ ପିଢ଼ିକୁ ଦେଶର ସେବା ଏବଂ ବିକାଶରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇବ। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସ ରେ ଏକ ପୋଷ୍ଟରେ ଲେଖିଛନ୍ତି, ବାବାସାହେବ ଡକ୍ଟର ଆମ୍ବେଦକରଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି। ରାଷ୍ଟ୍ର ନିର୍ମାଣରେ ତାଙ୍କର ପ୍ରୟାସ ଗଭୀର ଭାବରେ ପ୍ରେରଣାଦାୟକ। ତାଙ୍କ ଜୀବନ ଏବଂ କାର୍ଯ୍ୟ ପିଢ଼ିକୁ ଏକ ନ୍ୟାୟପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ଗଠନ ପାଇଁ ପ୍ରେରଣା ଦେଇ ଚାଲିବ।

# ବଢ଼ିଯିବ ଦର, ଚାକିରି ହରାଇବେ ଲକ୍ଷ ଲକ୍ଷ

**ନୂଆଦିଲ୍ଲୀ:** ମାଡ଼ିଆସୁଛି ଉପରେ ଆର୍ଥିକ ସଂକଟର ସୁନାମୀ। ବିଭିନ୍ନ କ୍ଷେତ୍ରରେ ବଢ଼ିବ ଦରଦାମ। ମଧ୍ୟପ୍ରାଚ୍ୟ ସଂଘର୍ଷ ଭିତରେ ମୁଣ୍ଡ ଟେକିଲାଣି ଆର୍ଥିକ ସଂକଟ। ଏନେଇ ୱାଶିଂଟନରେ ଅର୍ଥନୈତିକ ଏବଂ ଶକ୍ତି ପ୍ରଭାବ ଉପରେ

**• ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆଇଏମଏଫ୍ ଲିଡରଙ୍କ ଚେତାବନୀ**

ଆଲୋଚନା ହୋଇଛି। ବୈଠକରେ ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କ ଗୋଷ୍ଠୀର ମୁଖ୍ୟମାନେ ଯୋଗଦେଇଥିଲେ। ନିମ୍ନ-ଆୟ ଶକ୍ତି-ଆମଦାନୀକାରୀ ଦେଶଗୁଡ଼ିକ ଏହି ସଂଘର୍ଷ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତୈଳ, ଗ୍ୟାସ ଏବଂ ସାର ମୂଲ୍ୟ ବୃଦ୍ଧି



ଖାଦ୍ୟ ସୁରକ୍ଷା ଏବଂ ଚାକିରି ସମ୍ପର୍କରେ ଚିନ୍ତା ସୃଷ୍ଟି କରିଛି।

ନେତାମାନେ ଚେତାବନୀ ଦେଇଛନ୍ତି ଯେ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ପୁନଃ ଆରମ୍ଭ ହେବା ପରେ ମଧ୍ୟ, ଭିତ୍ତିଭୂମି କ୍ଷତି ଯୋଗୁଁ ଇନ୍ଧନ ଏବଂ ସାର ମୂଲ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ରହିପାରେ। ଯୋଗାଣ ବ୍ୟାଘାତ ଶକ୍ତି, ଖାଦ୍ୟ ଏବଂ ଅନ୍ୟାନ୍ୟ ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ଇନପୁଟ୍ର ଅଭାବ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଯୁଦ୍ଧ ଲୋକଙ୍କୁ ବିସ୍ଥାପିତ କରିଛି। ଚାକିରି, ଯାତ୍ରା ଏବଂ ପର୍ଯ୍ୟଟନକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହାର ପୁନରୁଦ୍ଧାର ପାଇଁ ସମୟ ନେବ।

ଆଇଏମଏଫର ମାସିକ ତୈଳ ବଜାର ରିପୋର୍ଟ ଏବଂ ଆଇଏମଏଫର ବିଶ୍ୱ ଅର୍ଥନୈତିକ ଆଉଟଲୁକ୍ ମଙ୍ଗଳବାର ପ୍ରକାଶିତ ହେବ। ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କ ସର୍ବାଧିକ ପ୍ରଭାବିତ ଦେଶଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଏକାଠି କାର୍ଯ୍ୟ କରୁଛନ୍ତି। ସେମାନେ ସଦସ୍ୟ ଦେଶଗୁଡ଼ିକୁ ସହାୟତା କରିବା ପାଇଁ ଅନ୍ୟ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହିତ ମଧ୍ୟ ସମନ୍ୱୟ ସ୍ଥାପନ କରୁଛନ୍ତି । ତିନୋଟି ସଂସ୍ଥା ଶକ୍ତି ବଜାର ଏବଂ ବିଶ୍ୱ ଅର୍ଥନୀତି ଉପରେ ଯୁଦ୍ଧର ପ୍ରଭାବ ଉପରେ କଡ଼ା ନଜର ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେମାନଙ୍କର ଲକ୍ଷ୍ୟ ହେଉଛି ଏକ ସ୍ଥିର ପୁନରୁଦ୍ଧାର ପାଇଁ ଭିତ୍ତିଭୂମି ସ୍ଥାପନ କରିବା ଯାହା ସ୍ଥିରତା, ଅଭିବୃଦ୍ଧି ଏବଂ ନିଯୁକ୍ତି ପ୍ରଦାନ କରିପାରିବ।

# ଶ୍ରମିକ ଆନ୍ଦୋଳନ ଆଗରେ ନଇଁଲେ ଯୋଗୀ ସରକାର

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଶିଳ୍ପନଗରୀ ନୋଏଡ଼ାରେ ଦେଖାଦେଇଥିବା ଶ୍ରମିକ ଆନ୍ଦୋଳନ ଶେଷରେ ଉଗ୍ର ରୂପ ଧାରଣ କରିଛି । ୪ ଦିନ ଧରି ଚାଲିଥିବା ଏହି ବିକ୍ଷୋଭ ସୋମବାର ହିଂସାତ୍ମକ ମୋଡ଼ ନେବା ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର ବିଳମ୍ବିତ ରାତିରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀରେ ୨୧ ପ୍ରତିଶତର ଅନ୍ତରୀଣ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ଏହି ବର୍ଦ୍ଧିତ ମଜୁରୀକୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି । ନୋଏଡ଼ା-ଗାଜିଆବାଦ, ମହାନଗର ନିଗମ ଅଧୀନରେ ଥିବା ସହର ଏବଂ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ପାଇଁ ପୃଥକ୍ ପୃଥକ୍ ହାର ସ୍ଥିର କରାଯାଇଛି । ଏହି ନୂତନ ଦର ଏପ୍ରିଲ ୧ ତାରିଖରୁ ପିଛିଲା ଭାବେ ଲାଗୁ ହେବ ବୋଲି ସୂଚନା ମିଳିଛି । ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ୧୧,୩୧୩ରୁ ବୃଦ୍ଧି କରି ୧୩,୬୯୦ କରାଯାଇଛି । ମୋଟ୍ ୨,୩୭୭ ବୃଦ୍ଧି କରାଯାଇଛି । ଅର୍ଦ୍ଧ-କୁଶଳୀ ୧୨,୪୪୫ରୁ ବୃଦ୍ଧି କରି ୧୫,୦୫୯ କରାଯାଇଛି । ଅନ୍ୟପଟେ କୁଶଳ ଶ୍ରମିକଙ୍କ ମଜୁରୀ ୧୩,୯୪୦ରୁ ୧୬,୮୬୮କୁ ବୃଦ୍ଧି କରାଯାଇଛି ।

**ମଜୁରୀରେ ୨୧% ବୃଦ୍ଧି ଘୋଷଣା**

ସୋମବାର ସକାଳୁ ନୋଏଡ଼ା ସ୍ଥିତ ‘ମଦରସନ’ କମ୍ପାନୀରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସମଗ୍ର ସହରରେ ଦେଖାଥିଲା । ପ୍ରାୟ ୪୦୦ରୁ ଅଧିକ କମ୍ପାନୀରେ ଭଙ୍ଗାରୁଜା କରାଯାଇଥିବା ବେଳେ ପ୍ରାୟ ୧୦୦୦ରୁ ଅଧିକ ଗାଡ଼ି ନଷ୍ଟ କରାଯାଇଛି । ଉତ୍ତ୍ୟକ୍ତ ଶ୍ରମିକମାନେ ଅନେକ ଯାନବାହନରେ ନିଆଁ ଲଗାଇ ଦେଇଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଜଣେ ସବ୍-ଇନ୍ସପେକ୍ଟରଙ୍କ ସମେତ ୫ ଜଣ



ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ଗୁଜବରୁ ସାବଧାନ ସୋସିଆଲ ମିଡିଆରେ ଶ୍ରମିକଙ୍କ ମାସିକ ଦରମା ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ନେଇ ଏକ ଖବର ଭାଇରାଲ ହେବାରେ ଲାଗିଛି ।

ତେବେ ରାଜ୍ୟ ସରକାର ଏହାକୁ ସମ୍ପୂର୍ଣ୍ଣ ଭ୍ରାମକ ଏବଂ ଭିତ୍ତିହୀନ ବୋଲି ସ୍ପଷ୍ଟ କରିଛନ୍ତି । ସରକାର କହିଛନ୍ତି ଯେ କେବଳ ଅନ୍ତରୀଣ ବୃଦ୍ଧି ଘୋଷଣା କରାଯାଇଛି ଏବଂ ଶ୍ରମିକମାନେ କୌଣସି ଗୁଜବରେ ବିଶ୍ୱାସ ନକରିବା ଉଚିତ୍ । ହିଂସାକାଣ୍ଡ ଘଟାଇବା ଅଭିଯୋଗରେ ପୁଲିସ ଏପର୍ଯ୍ୟନ୍ତ ୬୦ରୁ ଅଧିକ ଲୋକଙ୍କୁ ଗିରଫ କରିଥିବା ବେଳେ ପ୍ରାୟ ୨୫୦ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ନୋଏଡ଼ା ଏବଂ ଗ୍ରେଟର ନୋଏଡ଼ାରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି । ଏହି ଆନ୍ଦୋଳନର ପ୍ରଭାବ ଏବେ ଫରିଦାବାଦ, ପଲୱଲ ଏବଂ ଲକ୍ଷ୍ନୌ ଭଳି ସହରରେ ମଧ ଦେଖିବାକୁ ମିଳିଲାଣି, ଯାହାକୁ ନେଇ ପୂରା ପ୍ରଦେଶରେ ହାଇ-ଆଲର୍ଟ ଜାରି କରାଯାଇଛି । ହରିୟାଣା ସରକାର ନିକଟରେ ଶ୍ରମିକଙ୍କ ମଜୁରୀ ବଢ଼ାଇବା ପରେ ନୋଏଡ଼ାର ଶ୍ରମିକମାନେ ଏହି ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ବର୍ତ୍ତମାନ ଯୋଗୀ ସରକାରଙ୍କ ଏହି ୨୧% ବୃଦ୍ଧି ନିଷ୍ପତ୍ତି ଶ୍ରମିକମାନଙ୍କୁ କେତେଦୂର ସନ୍ତୁଷ୍ଟ କରୁଛି, ତାହା ଦେଖିବାକୁ ବାକି ରହିଲା ।

## ରାଇରଙ୍ଗପୁରରେ ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ରାଇରଙ୍ଗପୁର:** ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲ୍ଲି, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୋଗ ରଞ୍ଜନ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ ୧୩୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୯ଟି ବ୍ୟକ୍ତିଗତ ସମସ୍ୟା ଭିତିକ ଏବଂ ୩୧ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୪ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଆପତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

# ଆମେରିକା ଓ ଇଣ୍ଡୋନେସିଆରେ ଭୂକମ୍ପ ଝଟ୍‌କା



**ୱାଶିଂଟନ/ଜାକର୍ତ୍ତା:** ବିଶ୍ୱର ଦୁଇ ପ୍ରମୁଖ ପ୍ରାନ୍ତରେ ଶକ୍ତିଶାଳୀ ଭୂମିକମ୍ପଝଟକା ଅନୁଭୂତ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଆମେରିକାର ନେଭାଡା (୫.୭ ତୀବ୍ରତା) ଓ କାଲିଫର୍ନିଆ (୪.୯ ତୀବ୍ରତା) ସମେତ ଇଣ୍ଡୋନେସିଆର ଉତ୍ତର ଭାଗରେ ୭.୪ ତୀବ୍ରତାର ଏକ ପ୍ରଳୟଙ୍କାରୀ ସାମୁଦ୍ରିକ ଭୂମିକମ୍ପ ପ୍ରଳୟ ରଚିଛି।

ଇଣ୍ଡୋନେସିଆରେ ଏହି ବିଭୀଷିକା ଯୋଗୁଁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି ଏବଂ ଏକ କ୍ଷୁଦ୍ର ସୁନାମି ମଧ ସୃଷ୍ଟି ହୋଇଛି। ଭୂପୃଷ୍ଠର ମାତ୍ର କିଛି କିଲୋମିଟର ଗଭୀରତାରେ ଏହି କମ୍ପନ କେନ୍ଦ୍ରୀଭୂତ ଥିବାରୁ ଉଭୟ ରାଷ୍ଟ୍ରରେ ଅଟ୍ଟାଳିକାଗୁଡ଼ିକ ଦୋହଲି ଯାଇଥିବା ସୂଚନା ମିଳିଛି।

ଆମେରିକାରେ ଅନୁଭୂତ ଏହି ଝଟକା ସାନ୍ ଜୋସ୍ ଓ ସିଲଭର୍ ସ୍ପ୍ରିଙ୍ଗସ୍ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଆତଙ୍କ ଖେଳାଇ ଦେଇଛି। ବିଶେଷ କରି କାଲିଫର୍ନିଆର ବୋଲଡର୍ କ୍ରିକ ନିକଟରେ ସୃଷ୍ଟ ୪.୯ ତୀବ୍ରତାର ଭୂମିକମ୍ପ ଯୋଗୁଁ ଲୋକେ ୨୦୧୦ ପରଠାରୁ

**ଇଣ୍ଡୋନେସିଆରେ ଜଣେ ବୃଦ୍ଧ ମୃତ, ସୁନାମୀ ଆଲର୍ଟ**

ସବୁଠାରୁ ଶକ୍ତିଶାଳୀ କମ୍ପନ ଅନୁଭବ କରିଥିବା ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁଯାୟୀ, ରାତି ପ୍ରାୟ ୧ଟା ୪୧ ମିନିଟରେ ହୋଇଥିବା ଏହି କମ୍ପନ ସମଗ୍ର ଅଞ୍ଚଳକୁ ଥରାଇ ଦେଇଥିଲା, ଯାହାଫଳରେ ଭୟଭୀତ ଲୋକେ ନିଜ ଘର ଛାଡ଼ି ସୋସିଆଲ ମିଡିଆରେ ନିଜର ଆତଙ୍କିତ ଅନୁଭୂତି ବର୍ଣ୍ଣନା କରିଛନ୍ତି।

ଅନ୍ୟପକ୍ଷରେ, ଇଣ୍ଡୋନେସିଆର ମୋଲୁକ୍କା ସାଗରରେ ସୃଷ୍ଟ ୭.୪ ତୀବ୍ରତାର ଭୂକମ୍ପ ସବୁଠାରୁ ଅଧିକ ବିଭୀଷିକା ରଚିଛି। ଉତ୍ତର ସୁଲାୱେସି ଏବଂ ଉତ୍ତର ମାଲୁକୁ ପ୍ରଦେଶରେ ପ୍ରାୟ ୨୦ ସେକେଣ୍ଡ ଧରି ଚାଲିଥିବା ଏହି ତାଣ୍ଡବରେ ଅନେକ ଘର ଓ ଧର୍ମାନୁଷ୍ଠାନ ଧରାଶାୟୀ ହୋଇଛି।

## ଆମେ ଜାଣିବା, ଆମ ବଜେଟ କାର୍ଯ୍ୟକ୍ରମ

**ଜୟପୁର:** ଜିଲ୍ଲାସ୍ତରୀୟ ‘ଆମେ ଜାଣିବା, ଆମ ବଜେଟ’ କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭା ଗୃହଠାରେ ଆୟୋଜିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବଜେଟକୁ ଲୋକାଭିମୁଖୀ କରିବା ଓ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ରାଜ୍ୟର ଦୀର୍ଘମିଆଦୀ ଭିଜନ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳଭିତିକୁ ସୁଦୃଢ଼ କରିବ । ଏହା କେବଳ ଆୟ-ବ୍ୟୟର ତାଲିକା ନୁହେଁ । ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡମ୍ୟାପ । କୋରାପୁଟ ଜିଲ୍ଲା ପାଇଁ ବଜେଟରେ ବ୍ରହ୍ମପୁର ଜୟପୁର ସଂଯୋଗୀକରଣ ପ୍ରତି ବିଶେଷ ପ୍ରକଳ୍ପ ରହିଛି ଓ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଓଡିଶାର ବଜେଟରେ ଏଥର ଅନେକ ନୂତନ ପଦକ୍ଷେପ ରହିଥିବା ପ୍ରସଙ୍ଗରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ହାଇଟେକ୍ ଯୁଦ୍ଧ ଦିଗରେ ଦୁନିଆ**

# ରୋବଟିକ୍ ସେନାକୁ ଶକ୍ତ କରୁଛି ୟୁକ୍ରେନ

**କିଭ୍:** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ହେଉଥିବା ସମୟରେ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଏକ ଅଦ୍ଭୁତ କଥା କହିଛନ୍ତି । ଜେଲେନସ୍କି ଦାବି କରିଛନ୍ତି ଯେ ଏବେ ଯୁଦ୍ଧରେ ପୂର୍ବକାଳରେ ହେଉଥିବା ଯୁଦ୍ଧପରି ନୁହେଁ ବରଂ ହାଇ ଟେକ୍ନୋଲୋଜିରେ ହେବ । ମଣିଷ ମଣିଷ ସହ ଯୁଦ୍ଧ କଲେ ଆଉ ଜିତି ପାରିବ ନାହିଁ । ଏବେ ରୋବର୍ଟ୍ ମଧ୍ୟରେ ଯୁଦ୍ଧ ହେବ । ଆଧୁନିକ ଜ୍ଞାନକୌଶଳ ଉପାୟରେ ଯୁଦ୍ଧ ସମ୍ପୂର୍ଣ୍ଣ ନୂତନ ଧରଣର ହେବ । ରୋବର୍ଟ୍ ତା ବୁଦ୍ଧି ପ୍ରୟୋଗ କରି ଯେତେବେଳେ ଯୁଦ୍ଧରେ ସାମିଲ ହେବ ତେବେ ଜିତିବା ମଣିଷ ପାଇଁ ସହଜ ହୋଇଯିବ । ଜେଲେନସ୍କି ଏହା ମଧ ଦାବି କରିଛନ୍ତି ଯେ ୨୦୨୨ ମସିହାରେ ଋଷ୍ ସହିତ ଯୁଦ୍ଧ ହେବା ପରେ ୟୁକ୍ରେନ ସେନା କେବଳ ଡ୍ରୋନ୍ ଏବଂ ରୋବର୍ଟ୍ ମାଧ୍ୟମରେ ଯୁଦ୍ଧ କରିଥିଲେ । ରୋବର୍ଟ ଯୁଦ୍ଧ କରିବା ପରେ ସେହି ଇଲାକା ମଧ ୟୁକ୍ରେନ୍ ହାସଲ କରିପାରିଥିଲା । ଜେଲେନ୍ସି ଆହୁରି ମଧ କହିଛନ୍ତି ଯେ ୟୁକ୍ରେନ୍ ସବୁବେଳେ ଶକ୍ତ ।



ତାହାର ଯୁଦ୍ଧ କରିବାକ କୌଶଳ କେହି ବି ହରାଇ ପାରିବେନାହିଁ । ଅତ୍ୟାଧୁନିକ ଯୁଦ୍ଧ ସାମଗ୍ରୀ ୟୁକ୍ରେନ ପାଖରେ ମହଜୁଦ ଅଛି । ଏହା ମଧ କହିଛନ୍ତି ୟୁକ୍ରେନ୍ ହେଉଛି ପ୍ରଥମ ଦେଶ ଯିଏ ଡ୍ରୋନର ମଧ ବ୍ୟବହାର କରିଥାଏ ତାହା ନୁହେଁ ବରଂ ଦୂର ଦୂରାନ୍ତ ପର୍ଯ୍ୟନ୍ତ ମିସାଇଲ ମାଡ଼ଠୁ ଆରମ୍ଭ କରି ଇଣ୍ଟରସେପ୍ଟର ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ ବ୍ୟବହାର କରିଥାଏ । ରୋର୍ଟ୍, ସିଷ୍ଟମକୁ ଏବେ ଆହୁରି ଶକ୍ତ କରୁଅଛି ଯାହା ଆଗାମୀ ଦିନରେ ୟୁକ୍ରେନକୁ ଅଧିକ ସାହାଯ୍ୟ ସହଯୋଗ କରିପାରିବ । ଜେଲେନସ୍କି କହିଛନ୍ତି ଯେ ୟୁକ୍ରେନର ପ୍ରତିରକ୍ଷା ଉନ୍ନୟନ ଅଧିକାରୀ ମାନେ ପ୍ରତିବର୍ଷ ବିଭିନ୍ନ ଆଧୁନିକ ଶୈଳୀର ରୋବର୍ଟ୍ ପ୍ରସ୍ତୁତ କରୁଛନ୍ତି । ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ ୟୁକ୍ରେନ୍ ପ୍ରଥମ ଦେଶ ଯିଏ କି ଡ୍ରୋନ ଏବଂ ରୋବର୍ଟ୍ ତିଆରି କରୁଛି ଏବଂ ଏହି କ୍ଷେତ୍ରରେ ସେ ଆଗକୁ ମଧ ଯିବ । ଯାହା ଏବେ ୟୁକ୍ରେନ ନିଜେ ନିର୍ମାଣ କରୁଅଛି ।

ସେ ସୋସିଆଲ ମିଡ଼ିଆ ପୋଷ୍ଟରେ ଏହା ମଧ ଲେଖିଛନ୍ତି ଯେ ଏହା ଆମର ଗ୍ରାଉଣ୍ଡ ରୋବର୍ଟିକ୍ ସିଷ୍ଟମ ଅଟେ । ଏହା ଇତିହାସର ପ୍ରଥମଥର ଯେ ମଣିଷ ବଦଳରେ ରୋବର୍ଟ୍ ଯୁଦ୍ଧ ଲଢ଼ିବାରେ ସକ୍ଷମ ହୋଇଛି । ସେ ଏହା ମଧ ଦାବି କରିଛନ୍ତି ଏହି କ୍ଷେତ୍ରରେ କୌଣସି ସେନା ସାମିଲ ନାହାନ୍ତି । ଏଥିରେ କୌଣସି କ୍ଷତି ହୋଇନାହିଁ । ଋଷ ସେନାମାନେ ଆତ୍ମସମର୍ପଣ ମଧ କରିଦେଇଛନ୍ତି । ରାଷ୍ଟ୍ରପତି ଏହା ମଧ କହିଛନ୍ତି ଯେ ଗତ ତିନି ମାସ ହେବ ୟୁକ୍ରେନ୍ ଗ୍ରାଉଣ୍ଡ ରୋବର୍ଟିକ୍ ସିଷ୍ଟମରେ ୨୨ ହଜାରରୁ ଅଧିକ ନାମ ଦେଇସାରିଲାଣି । ଯେଉଁଥିରେ ରେଟେଲ, ଟର୍ମିଟ, ଅର୍ଡାଲ, ରିସ, ଜମି, ପ୍ରୋଟେକ୍ଟର, ବୋଲା ଏବଂ ଅନ୍ୟ ସିଷ୍ଟମ ମଧ ସାମିଲ ରହିଛି ।

## ରାଶିଫଳ

**ମେଷ:** ଘାତବାର, ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ ମନରେ ଅସ୍ଥିରତା ଭାବ ପ୍ରକାଶ ପାଇବ । ମାନ, ସମ୍ମାନ ହାନି ଏବଂ ନିଜର ପ୍ରିୟ ବନ୍ଧୁଙ୍କ ସହ ମତାନ୍ତର ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**ବୃଷ:** ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ସ୍ୱଜନରେ ଏବଂ ବନ୍ଧୁବାନ୍ଧବଙ୍କ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଧନକ୍ଷତି, ମାନସିକ ଅସ୍ଥିରତା, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ିବେ ।

**ମିଥୁନ:** ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ପ୍ରକାଶ ପାଇବ । ସମସ୍ତ କର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ଏବଂ ମନରେ ଦୃଢ଼ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ପ୍ରକାଶ ପାଇବ ।

**କର୍କଟ:** ଘାତଚନ୍ଦ୍ର ଯୋଗୁ ଆର୍ଥିକ କ୍ଷତି, ଆର୍ଥିକ ଠକାମି, ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ । ଅନ୍ୟକୁ ଦେଇଥିବା ଧନ ପାଇବାରେ ବିଫଳତା ହେବେ ଏବଂ ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ଅସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବଦ୍‌ଖର୍ଚ୍ଚ ଅଧିକ ହେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ ।

**ସିଂହ:** ଶ୍ରୀଚନ୍ଦ୍ର, ରବିବାର ଯୋଗୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । କୌଣସି ମାଙ୍ଗଳିକ କର୍ମରେ ପରିବାର ସହ ଯୋଗଦେବେ ଏବଂ ଆମୋଦପ୍ରମୋଦ, ମଉଜ ମଜଲିସରେ ଅଧିକ ଆଗ୍ରହ ରହିବ ।

**କନ୍ୟା:** ଦ୍ୱାଦଶ ଚନ୍ଦ୍ର ଯୋଗୁ ଅପବ୍ୟୟ, ଅପବାଦ ଓ ଅପଯଶର ଶିକାର ହେବେ ଏବଂ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତି ନେବେ । ନିଶ୍ଚିତତାକୁ ପରିତ୍ୟାଗ କରି ଅନିଶ୍ଚିତତା ପଛରେ ପଶ୍ଚାତଧାବନ କରିବେ ।

**ତୁଳା:** ଏକାଦଶ ଚନ୍ଦ୍ର ଯୋଗୁ ଆୟର ମାର୍ଗ ଅତି ଉତ୍ତମ ହେବ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ । ମନରେ ଉନ୍ନତ ଚିନ୍ତାଧାରା ଓ ଉଚ୍ଚାଭିଳାଷ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ବିଛା :** ଦଶମ ଚନ୍ଦ୍ର ଓ ଘାତତିଥି ହେତୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ କିଛି ସମସ୍ୟା ଆସିବ । କର୍ମ ପ୍ରତି ଅଧିକ ଧ୍ୟାନ ଦେବେ ଏବଂ ଆଜି ଯେକୌଣସି କର୍ମ ଆରମ୍ଭ କରିବେ, ସେଥିରେ ଶତ ପ୍ରତିଶତ ସଫଳତା ପାଇବେ । ସମସ୍ତ କର୍ମରେ ଆପଣଙ୍କର କର୍ମକୁଶଳତା ଓ କାର୍ଯ୍ୟଦକ୍ଷତା ପ୍ରକାଶ ପାଇବ ଏବଂ ମନୋବଳ ଦୃଢ଼ ହେବ ।

**ଧନୁ :** ନବମ ଚନ୍ଦ୍ର, ରବିବାର ଏବଂ କେତୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଓ ରାଜନୈତିକ ବ୍ୟକ୍ତିଙ୍କ ଆଶ୍ରୟ ମିଳିବ । ମନରେ ଉନ୍ନତ ଚିନ୍ତାଧାରା ଓ ଉଚ୍ଚାଭିଳାଷ ପ୍ରକାଶ ପାଇବ ।

**ମକର :** ଅଷ୍ଟମ ଚନ୍ଦ୍ର ଏବଂ କେତୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ବାଦବିବାଦ, ସ୍ୱାସ୍ଥ୍ୟ, ଉଚ୍ଚ ସ୍ଥାନ ଆରୋହଣ, ଇଲେକ୍ଟ୍ରିକ୍ ଦ୍ରବ୍ୟବ୍ୟବହାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ବିବାଦ ଏବଂ ଗ୍ଳାନିଚଳନ, ବ୍ୟବହାର ବିବାଦୀୟ ହେବ ।

**କୁମ୍ଭ :** ସପ୍ତମ ଚନ୍ଦ୍ର, ମାନସିକ, ପାରିବାରିକ ଶାନ୍ତି ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । କୌଣସି ମାଙ୍ଗଳିକ କର୍ମରେ ଯୋଗଦେବେ କିମ୍ବା ପୁତ୍ରକନ୍ୟାଙ୍କ ମାଙ୍ଗଳିକ କର୍ମର ଆୟୋଜନ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ମୀନ :** ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ସ୍ୱାସ୍ଥ୍ୟ ଉତ୍ତମ ରହିବ । ଚାଲିଚଳନ, ବ୍ୟବହାର ମାର୍ଜିତ ଓ ସର୍ବଜନ ଆଦୃତ ହେବ ଏବଂ ସମସ୍ତଙ୍କର ମନ ଜିଣିବାରେ ସମ୍ଭବ ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ । ଯେଉଁମାନଙ୍କର ଉତ୍ତରାଭାଦ୍ର ମୀନ ସେମାନେ ସୁଫଳ ପାଇବେ ।

ମାତୃଭାଷା



# ମ୍ୟାଙ୍ଗୋ କୁଲ୍‌ଫି

ଖରାଦିନ ଆସିଲେ ଥଣ୍ଡା ଖାଇବାକୁ ମନ ବଳିଥାଏ। ସେ ଆଇସକ୍ରିମ ହେଉ ଅବା ଲସି ଘରେ ଘରେ ଏହାର ଚାହିଦା ବଢ଼ିଯାଇଥାଏ। ହେଲେ ଆଜିର ସମୟରେ ଲୋକେ ବାହାରେ ଖାଇବାଠାରୁ ଘରେ ପ୍ରସ୍ତୁତ କରି ଖାଇବାକୁ ପସନ୍ଦ କରୁଛନ୍ତି। ଏମିତିରେ ଆପଣ ମଧ୍ୟ ଅତି ସହଜରେ ଆମ୍ବର କୁଲ୍‌ଫି ପ୍ରସ୍ତୁତ କରି ଘର ଲୋକଙ୍କୁ ଖୁଆଇପାରିବେ। ଆସନ୍ତୁ ଜାଣିବା ଏଥିଲାଗି ଆବଶ୍ୟକୀୟ ସାମଗ୍ରୀ ଏବଂ ପ୍ରସ୍ତୁତି ପ୍ରଣାଳୀ କ'ଣ ରହିଛି...

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବ- ୨ଟି, କ୍ଷୀର- ୧ ଲିଟର, ଚିନି- ଅଧା କପ୍, କଣ୍ଡେନ୍ସଡ୍ ମିଲ୍କ- ଅଧା କପ୍, କାଜୁ ଓ ପିସ୍ତା ବାଦାମ- ୪ ବଡ଼ ଚାମଚ, ଗୁଜୁରାତି ଗୁଣ୍ଡ- ୧ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆମ୍ବରୁ ରସ ବାହାରକରି ଗ୍ରାଇଣ୍ଡିଂକରି ରଖନ୍ତୁ। ଏହାପରେ କ୍ଷୀରକୁ ଚୁଲିରେ ବସାଇ ସିଝାନ୍ତୁ। କୁଲ୍‌ଫି ତିଆରି ପାଇଁ ସବୁବେଳେ କ୍ଷୀରକୁ ଅଧିକ ସମୟ ସିଝାଇ ଗାଢ଼ା କରିବେ। ସିଝିବାବେଳେ କ୍ଷୀର ଯେତେବେଳେ ଅଧା ହୋଇଆସିବ ସେଥିରେ ଚିନି ଓ କଣ୍ଡେନ୍ସଡ୍ ମିଲ୍କ ମିଶାନ୍ତୁ। ଏହାକୁ ଲଗାତର କିଛି ସମୟ ଗୋଳାନ୍ତୁ। ବହଳିଆ ହୋଇ ଆସିଲେ ସେଥିରେ ଗ୍ରାଇଣ୍ଡିଂ ହୋଇଥିବା ଆମ୍ବରସ ମିଶାନ୍ତୁ। ଏହା ପରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଶେଷରେ ଏଥିରେ କାଜୁ ଓ ପିସ୍ତା ବାଦାମକୁ ଛୋଟ ଛୋଟ କରି କାଟି ପକାନ୍ତୁ। କିଛି ସମୟ ଗୋଳାଇବା ପରେ ଗ୍ୟାସ୍ ବନ୍ଦ କରିଦେଇ ମିଶ୍ରଣକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଥଣ୍ଡା ହୋଇଗଲେ ଏହି ମିଶ୍ରଣକୁ କୁଲ୍‌ଫି ମୋଲ୍ଡ କିମ୍ବା ଛୋଟ ପାତ୍ରରେ ଭର୍ତ୍ତିକରି ଫ୍ରିଜରରେ ରଖିଦିଅନ୍ତୁ। ପ୍ରାୟ ୮-୯ ଘଣ୍ଟା ପରେ ଏହା ବରଫ ହୋଇଯାଇଥିବ। ତେଣୁ ଫ୍ରିଜରରୁ ବାହାରକରି ଖାଇବାକୁ ଦିଅନ୍ତୁ ପ୍ରସ୍ତୁତ ହୋଇଥିବା କୁଲ୍‌ଫି। ଖରାଦିନେ ଏହା ବେଶ୍ ସ୍ୱାଦିଷ୍ଟ ଲାଗିବ।



# ଚାଣକ୍ୟ ବଚନ

ଆଚାର୍ଯ୍ୟ ଚାଣକ୍ୟ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଜଣେ ଲୋକପ୍ରିୟ ଅର୍ଥନୀତିଜ୍ଞ, ଏବଂ କୂଟନୀତିଜ୍ଞ ଭାବରେ ଜଣାଶୁଣା। ଚାଣକ୍ୟ, ଚାଣକ୍ୟ ତାଙ୍କ ନୀତି ନାମରେ ପ୍ରସିଦ୍ଧ। ଚାଣକ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ଅନେକ ନିର୍ଦ୍ଦିଷ୍ଟ ନିୟମ ଦେଇଛନ୍ତି। ଯାହାକୁ ପାଳନ କଲେ ବୈବାହିକ ଜୀବନ ସୁଖମୟ ହୋଇପାରିବ। ସ୍ୱାମୀ ଓ ସ୍ତ୍ରୀ ପରସ୍ପରକୁ ସାହାଯ୍ୟ କରନ୍ତି। ପତ୍ନୀଙ୍କୁ ସୁରକ୍ଷା ଦେବା ଏବଂ ଯେତେବେଳେ ସେ ଅସୁବିଧାରେ ପଡିବେ ସେତେବେଳେ ତାଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବା ସ୍ୱାମୀଙ୍କ ଦାୟିତ୍ୱ। ଜଣେ ବ୍ୟକ୍ତିର ଜୀବନ ଉପରେ ମା, ବାପା, ସ୍ତ୍ରୀ ଏବଂ ସନ୍ତାନମାନଙ୍କର କେତେ ପ୍ରଭାବ ପଡିଥାଏ ତାହା ବ୍ୟାଖ୍ୟା କରିଛନ୍ତି। ଚାଣକ୍ୟ ତାଙ୍କ ଶ୍ଳୋକରେ କହିଛନ୍ତି – ଚାଣକ୍ୟ ପିତା ହେଉଛି ଶତ୍ରୁର ବ୍ୟଭିଚାରିଣୀ। ସ୍ତ୍ରୀ ହେଉଛି ସୁନ୍ଦର ଶତ୍ରୁ, ପୁଅ ଶତ୍ରୁର ପଣ୍ଡିତ।

ଚାଣକ୍ୟ କୁହନ୍ତି ଯେ, ଜଣେ ସୁନ୍ଦର ଦେଖାଯାଉଥିବା ସ୍ତ୍ରୀ ସ୍ୱାମୀ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଯଦି ସ୍ତ୍ରୀ ବହୁତ ସୁନ୍ଦର ତେବେ ତାଙ୍କ ସ୍ୱାମୀଙ୍କ ପାଇଁ ସମସ୍ୟା ହୋଇପାରନ୍ତି। ସେ ତାଙ୍କ ସହିତ ଶତ୍ରୁ ପରି ବ୍ୟବହାର କରିପାରନ୍ତି।

ମୂର୍ଖ ସନ୍ତାନ ମାନେ ଶତ୍ରୁ ପରି। ସେମାନେ ଜୀବନ ସାରା ତାଙ୍କ ପିତାଙ୍କୁ କଷ୍ଟ ଦେବେ ଏବଂ ଯଦି ପିତାମାତା ସେମାନଙ୍କ ସନ୍ତାନମାନଙ୍କ ପ୍ରତି ସେମାନଙ୍କର ଦାୟିତ୍ୱ ପୂରଣ ନ କରନ୍ତି, ତେବେ ଭବିଷ୍ୟତରେ ସନ୍ତାନମାନେ ସେମାନଙ୍କ ପାଇଁ କ୍ଷତି ଘଟାଇବେ।

ଚାଣକ୍ୟ ନୀତି ଅନୁଯାୟୀ ଋଣ ନେଉଥିବା ପିତା ଶତ୍ରୁ ଠାରୁ କମ ନୁହେଁ। ନୀତି ଅନୁଯାୟୀ ତାଙ୍କ ପିଲା ମାନଙ୍କୁ ଠିକ ଭାବରେ ଖାଦ୍ୟ ଯୋଗାଇବା ପିତାଙ୍କ କର୍ତ୍ତବ୍ୟ। ଯଦି ଜଣେ ପିତା ଋଣ ନେଇ ତାଙ୍କ ପିଲାମାନଙ୍କ ଉପରେ ବୋଝ ଲଦି ଦିଅନ୍ତି ତେବେ ସେହି ପିତା ଶତ୍ରୁ।

ସେହିପରି ଚାଣକ୍ୟ କହିଛନ୍ତି ଯେ ଯେଉଁ ମାଆ ନିଜ ସନ୍ତାନମାନଙ୍କ ମଧ୍ୟରେ ଭେଦଭାବ ରଖନ୍ତି ଏବଂ ସମସ୍ତ ସନ୍ତାନଙ୍କୁ ସମାନ ମନେ କରନ୍ତି ନାହିଁ।ସେ ତାଙ୍କ ସନ୍ତାନମାନଙ୍କ ପାଇଁ ଘାତକ। ସେହି ସମୟରେ ଯଦି ସେ ଅନ୍ୟ କାହାକୁ ବିବାହ କରନ୍ତି, ତେବେ ସେ କେବେବି ତାଙ୍କ ପରିବାର ଏବଂ ସନ୍ତାନମାନଙ୍କ ବିଷୟରେ ଚିନ୍ତା କରିପାରିବେ ନାହିଁ।

# କର୍ମଜୀବୀ ଓ ସନ୍ତାନର ଯତ୍ନ

ଆଜିକାଲି ମହିଳାମାନେ ନିଜକୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବୋଲି ପ୍ରମାଣିତ କରିସାରିଲେଣି। ତେବେ ଜଣେ କର୍ମଜୀବୀକୁ କେବଳ ଚାକିରି ନୁହେଁ, ଅନ୍ୟପକ୍ଷରେ ପରିବାର ଏବଂ ନିଜ ସନ୍ତାନଙ୍କ ଯତ୍ନ ମଧ୍ୟ ନେବାକୁ ପଡ଼ିଥାଏ। ତେଣୁ ତାକୁ ଏକ ରୁଟିନ୍ ଜୀବନଯାପନ କରିବାକୁ ପଡ଼େ। ସକାଳୁ ଘର କାମ କରିବା, ପିଲାଙ୍କୁ ସ୍କୁଲକୁ ଯିବାକୁ ପ୍ରସ୍ତୁତ କରିବା ଆଦି କାମରେ ସେମାନେ ବ୍ୟସ୍ତ ରୁହନ୍ତି। ହେଲେ କର୍ମଜୀବୀଙ୍କଠାରେ ଏଭଳି କିଛି ମହତ୍ତ୍ୱ ରହିଛି, ଯାହାକୁ ତାଙ୍କର ପିଲାମାନେ ଆପଣେଇପାରନ୍ତି। ଜଣେ ମହିଳା ଚାକିରି କରିବା ପରେ ନିଜ ପିଲାଟି କିପରି ପାଠ ପଢ଼ି ମଣିଷ ହେବ ସେ ନେଇ ବେଶ୍ ଯତ୍ନବାନ୍ ହୋଇଥାନ୍ତି। ତେବେ ଜଣେ କର୍ମଜୀବୀ ସନ୍ତାନର ଯତ୍ନ କିପରି ନେଇପାରିଲେ ତାହା ତାଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ, ସେ ନେଇ କେତୋଟି ଟିପ୍ସ।

**ମା' ହୋଇଥାନ୍ତି ରୋଲ୍ ମଡେଲ :** ବେଳେବେଳେ ମା'ମାନଙ୍କଠାରେ ଲୁଚି ରହିଥିବା ପ୍ରତିଭା ପିଲାମାନଙ୍କ ପାଇଁ ପ୍ରେରଣାଦାୟୀ ସାଜିଥାଏ। ତେବେ ଏ ବିଷୟରେ ପିଲାମାନେ ଭଲ ଭାବରେ ଅବଗତ ହେବା ନିହାତି ଦରକାର। ସବୁବେଳେ ସେମାନେ ନିଜ ମା'ର ଭଲ ଗୁଣଗୁଡ଼ିକ ବିଷୟରେ ଜାଣିବା ଆବଶ୍ୟକ। କାରଣ ଗୁରୁଜନଙ୍କଠାରୁ ଅନେକ କିଛି ଶିଖିବାର ଅଛି। ତେବେ ଏ ନେଇ ନିଜ ମନରେ ଉତ୍ସୁକତା ରହିଲେ ତାହା ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଯଦି ମା' ଏକ ଭଲ ଚାକିରି କରିଛନ୍ତି ତେବେ ପିଲା ତାଙ୍କୁ ଲକ୍ଷ୍ୟ ରଖିବା ଉଚିତ। ଏହାଦ୍ୱାରା ସେମାନେ ନିଜ ଲକ୍ଷ୍ୟ ହାସଲ କରିପାରିବେ। ତେଣୁ ନିଜ ଭବିଷ୍ୟତ ପାଇଁ ମା'କୁ ରୋଲ୍ ମଡେଲ ଭାବରେ ଗ୍ରହଣ କରିପାରନ୍ତି।

**ଲାଇଫ୍ ମ୍ୟାନେଜମେଣ୍ଟ :** ଜୀବନର ରାସ୍ତାରେ ଚାଲିବା ସହଜ ନୁହେଁ। ବେଳେବେଳେ ଏହା ବେଶ୍ କଣ୍ଟକିତ ହୋଇଥାଏ। କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହାକୁ ସମାଧାନ କରିବାକୁ ପିଲାମାନେ ବାଟ ଖୋଜି ପାଇ ନ ଥାନ୍ତି। ତେଣୁ ଲାଇଫ୍ ମ୍ୟାନେଜମେଣ୍ଟ ବିଷୟରେ ମା'ଙ୍କ ନିକଟରୁ ଶିଖନ୍ତୁ। କେଉଁ ପରିସ୍ଥିତିକୁ କିପରି ସାମ୍ନା କରିବାକୁ ପଡ଼ିବ ହୁଏତ ତାଙ୍କର ଟିପ୍ସ ତୁମମାନଙ୍କ ପାଇଁ ବେଶ୍ କାମରେ ଆସିପାରେ। ସାଧାରଣତଃ ଜଣେ କର୍ମଜୀବୀକୁ ଦୁଇଟି ସମାନ୍ତରାଳ ରାସ୍ତାରେ ଯାତ୍ରା କରିବାକୁ ପଡ଼ିଥାଏ। ଗୋଟିଏ ହେଲା ପରିବାର ଏବଂ ଅନ୍ୟଟି ନିଜର କର୍ମସଂସ୍ଥାନ। ତେଣୁ ଏହି ଦୁଇଟିକୁ ସୁରୁଖୁରୁରେ ଚଳାଇବାକୁ ବୁଦ୍ଧିର ଆବଶ୍ୟକତା ରହିଛି। କୌଣସି ଗୋଟିକୁ ଯଦି ଅବହେଳା କରନ୍ତି, ତେବେ ସବୁକିଛି ଅଡୁଆ ହୋଇଯିବ। ତେଣୁ ସବୁବେଳେ ଏକ ରୁଟିନ୍ ଲାଇଫ୍ ଅନୁସରଣ କରନ୍ତୁ। ପ୍ରତ୍ୟେକ କର୍ମଜୀବୀ ମହିଳାଙ୍କ ନିକଟରୁ ତାଙ୍କର ପିଲା ଯେଉଁ ପ୍ରଥମ କଥା ଶିଖିବା ଦରକାର ତାହା ହେଲା, ସମୟାନୁବର୍ତ୍ତିତା। କାରଣ ନିଜ ଜୀବନକୁ ଆଗେଇନେବାରେ, ଶିକ୍ଷା କ୍ଷେତ୍ର ଅବା ଚାକିରିରେ ଏହାର ବେଶ୍ ଗୁରୁତ୍ୱ ରହିଛି। ତେଣୁ କର୍ମଜୀବୀ ମା'ଙ୍କ ନିକଟରୁ ପିଲାମାନେ ଏହା ଶିଖିବା ଦରକାର।



**କାମର ମହତ୍ତ୍ୱ :** ନିଜେ କରୁଥିବା କାମକୁ ତୁଲାଇବି ବୋଲି କହିଦେଲେ ହେବ ନାହିଁ। ଏହାକୁ ଶେଷ କରିବା ଲାଗି ନିଜର ସାମର୍ଥ୍ୟ ଥିବା ଦରକାର। ତା'ସହ କାମଟିକୁ କିପରି ସମ୍ପାଦନ କରିବେ ସେ ନେଇ ଯୋଜନା ପ୍ରସ୍ତୁତ କରନ୍ତୁ। ବିଶେଷଭାବରେ କର୍ମଜୀବୀ ନିଜ ଅଫିସ୍ ? କାମ ଏବଂ ଘର କାମକୁ ତୁଲାଇଥାଆନ୍ତି। ତେଣୁ ସେମାନଙ୍କୁ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡ଼ିଥାଏ। ଏ ବିଷୟରେ ସେମାନଙ୍କର ପିଲାମାନେ ଶିଖିବା ଦରକାର। କାରଣ ଏବେ ସେମାନେ ହୁଏତ ପାଠ ପଢୁଛନ୍ତି, ଭବିଷ୍ୟତରେ ଚାକିରି କରିବେ। ସେ ସମୟରେ କିପରି ନିଜ କାମକୁ ତୁଲାଇବେ ସେ ବିଷୟରେ ନିଜ କର୍ମଜୀବୀ ମା'ଙ୍କ ନିକଟରୁ କିଛି ଶିଖି ନିଅନ୍ତୁ।

**କାର୍ଯ୍ୟ ସମ୍ପାଦନ କରିବା ପ୍ରଣାଳୀ :** ବେଳେବେଳେ ଜଣଙ୍କୁ ଏକାଧିକ କାମ ତୁଲାଇବାକୁ ପଡ଼ିଥାଏ। ଏହି ସମୟରେ ସଂଯମର ଆବଶ୍ୟକତା ରହିଛି। କାର୍ଯ୍ୟ ଭାରରେ କଦାପି ଧୈର୍ଯ୍ୟହରା ହୁଅନ୍ତୁ ନାହିଁ। କାମଗୁଡ଼ିକୁ ଗୋଟିଏ ପରେ ଗୋଟିଏ ତୁଲାନ୍ତୁ। ଏକାଥରେ ଗୁଡ଼ାଏ କାମ ତୁଲାଇବା ସହଜ କଥା ନୁହେଁ। ତେଣୁ କାମ ଧରିବା ସମୟରେ ନିଜର ସାମର୍ଥ୍ୟ ବିଷୟରେ ଅବଗତ ହୁଅନ୍ତୁ। କାରଣ ଜଣେ କର୍ମଜୀବୀ ଅଫିସରେ ନିଜ କାମ ସହ ବେଳେବେଳେ ଅନ୍ୟ କିଛି କାମ ତୁଲାଇବାକୁ ପଡ଼ିଥାଏ। ଏଭଳି କାମକୁ ମା' କିପରି ଶେଷ କରୁଛନ୍ତି ତାହାର କାଇଦା ପିଲାମାନେ ଶିଖିନେବା ଦରକାର। ଏହାଦ୍ୱାରା ଭବିଷ୍ୟତରେ ଯଦି ପିଲା ଏଭଳି ପରିସ୍ଥିତିର ସାମ୍ନା କରନ୍ତି ତେବେ ବିଚଳିତ ନ ହୋଇ କାମଗୁଡିକୁ ବେଶ୍ ସୁଚାରୁ ରୂପେ ସମ୍ପାଦନ କରିପାରିବେ।

**ସ୍ୱାବଲମ୍ବୀ ହେବାର କାଇଦା**

ପାଠ ପଢ଼ିବା ପରେ ନିଜ ଗୋଡ଼ରେ ନିଜେ ଠିଆହେବାର ଅନେକ ଉଦାହରଣ ରହିଛି। ଏଥିପାଇଁ ଉପଯୁକ୍ତ ଯୋଜନାର ଆବଶ୍ୟକତା ରହିଛି। ପାଠ ପଢ଼ିବା ସମୟରେ ମା' ଭବିଷ୍ୟତରେ କ'ଣ କରିବାକୁ ଚାହୁଁଥିଲେ ତାହା ପଚାରି ବୁଝନ୍ତୁ।









# ସମର ଫ୍ୟାଶନ

ପାଣିପାଗ ଅନୁସାରେ ଫ୍ୟାଶନରେ ବି ପରିବର୍ତ୍ତନ ଆସିଥାଏ ।ଯେ ହେତୁ ଏବେ ଖରାଦିନ ଆରମ୍ଭ ହୋଇଗଲାଣି, ତେଣୁ ଏହି ସମୟରେ କେଉଁ କଲର୍‌ର ତଥା କେଉଁ ଟାଇପ୍ ଆଉଟ୍‌ଫିଟ୍ ପିନ୍ଧିଲେ କୁଲ୍, କମ୍ଫଟେବଲ୍ ଲୁକ୍ ମିଳିବା ସହ ଝିଅମାନେ ଷ୍ଟାଇଲିଶ୍ ଦେଖାଯିବେ, ଜାଣନ୍ତୁ ସେ ସମ୍ପର୍କରେ...



### କଲର୍ ସିଲେକ୍ସନ

ହ୍ୱାଇଟ୍ କଲର୍: ସମର୍ ସିଜିନ୍‌ରେ ନିଜ ୱାର୍ଡରୋବ୍‌ରେ ହ୍ୱାଇଟ୍ କଲର୍‌ର କିଛିଟା ଆଉଟ୍‌ଫିଟ୍ ରଖିବା ନିହାତି ଜରୁରୀ। କାରଣ ଖରାଦିନେ ହ୍ୱାଇଟ୍ କଲର୍‌ର ଆଉଟ୍‌ଫିଟ୍ କୁଲ୍, କମ୍ଫଟେବଲ୍ ଲୁକ୍ ଦେଇଥାଏ । ଖାସ୍ କରି ସମର୍‌ରେ ହ୍ୱାଇଟ୍ କଲର୍‌ର ଶର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, ଲକ୍ଷ୍ନୌ ସୁଟ୍, ଅନାରକଲି, କଲି, ଶାଢ଼ି, ପେନ୍‌ସିଲ୍ ସ୍କର୍ଟ, ଟ୍ରାଉଜର୍ ଆଦି ଟ୍ରାଏ କଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ କ୍ ମିଳିଥାଏ। ଝିଅମାନେ ଚାହିଁଲେ ଏଦିନେ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କମ୍ବିନେଶନର ଆଉଟ୍‌ଫିଟ୍ ବି ବି ଟ୍ରାଏ କରିପାରିବେ।

ପେଷ୍ଟାଲ୍ କଲର୍ : ସମର୍ ସିଜିନ୍‌ରେ କେବଳ ଧଳା ରଙ୍ଗ କାହିଁକି, ଗୋଲାପୀ, ହଳଦିଆ, ବ କମଳା ତଥା ଅଲିଭ୍ ଗ୍ରୀନ୍ ଭଳି ପେଷ୍ଟାଲ୍ କଲର୍‌ର ଆଉଟ୍‌ଫିଟ୍ ପିନ୍ଧିଲେ । ଆରାମ ଅନୁଭବ ହୋଇଥାଏ। ବି ବେଶ୍ ପ୍ରିଣ୍ଟ ସିଲେକ୍ସନ ଖରାଦିନେ ବିଶେଷକରି ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍ ଟ୍ରାଏ କଲେ, ଆକର୍ଷଣୀୟ ଲୁକ୍ ମିଳିବା ସହ ନିଜକୁ ବି କୁଲ୍, କମ୍ଫଟେବଲ୍ ଲାଗିଥାଏ। ଏହାଛଡ଼ା ସମର୍‌ରେ ଚେକ୍, ଷ୍ଟ୍ରାଇପ୍, ଜ୍ୟୋମେଟ୍ରିକ୍ ପ୍ରିଣ୍ଟ କରିପାରିବେ।

### କମ୍ଫଟେବଲ୍ ଫିଟି ଫିଟିଙ୍ଗ୍

ସମରରେ ଯେତେ କମ୍ଫଟେବଲ୍ ଫିଟିଙ୍ଗ୍ ବାଲା ଆଉଟ୍‌ଫିଟ୍ ନ ପିନ୍ଧିବେ ସେତେ ଭଲ। ଖାକରି ଏଦିନେ ଶର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, କଟନ୍ ଟି-ସାର୍ଟ, ପ୍ଲାଜୋ, ଲଙ୍ଗ୍ କୁର୍ତ୍ତି, ପ୍ଲିଟେଡ୍ ସ୍କର୍ଟ, ହ୍ୱାଇଟ୍ ଶାର୍ଟ, ଲିନେନ୍ ଜ୍ୟାକେଟ୍, ଆସିମେଟ୍ରିକ୍ ଟପ୍ସ, କଟନ୍ ଶାଢି ଆଦି ପିନ୍ଧିବା ବେଷ୍ଟ ଅପ୍ସନ ହୋଇଥାଏ।

### ହାଲ୍‌କା ଫାବ୍ରିକ୍

ଖରାଦିନେ ଝିଅମାନଙ୍କୁ କୌଣସି ଇଭିନିଂ ପାର୍ଟିକୁ ଯିବାର ଥିଲେ, ମଲ୍‌ମଲ୍ କଟନ୍ ବା ସିଫନ୍, ଜର୍ଜେଟ୍ କିମ୍ବା ର' ସିଲ୍କର ୱାନ୍ ସୋଲ୍ଡର୍ ଅଥବା ଅଫ୍ ସୋଲ୍ଡର୍ ଶର୍ଟ ଡ୍ରେସ୍ ଅବା ମ ମ୍ୟାକ୍ସି ଡ୍ରେସ୍ ଆଦି ଟ୍ରାଏ କଲେ ସେମାନଙ୍କୁ କୁଲ୍, କମ୍ଫଟେବଲ୍ ଲାଗିବା ସହ ସ୍ମାର୍ଟ ଲୁକ୍ ମିଳିଥାଏ। ଆଉ ଯେଉଁମାନଙ୍କର ଟିକେ ଟ୍ରାଡିସନାଲ୍ ଲୁକ୍ ପସନ୍ଦ, ସେମାନେ ଚାହିଁଲେ ଗୋଲ୍ଡେନ୍ କିମ୍ବା ସିଲ୍‌ଭର୍ କଲର୍‌ର ଅଥବା ଅଲିଭ୍ ଗ୍ରୀନ୍, ପିଙ୍କ୍, ପିଚ୍ ପରି ପେଷ୍ଟାଲ କଲର୍‌ର ଅନାରକଲି, ଲେହେଙ୍ଗା ଚୋଲି, ଗାଉନ୍ ଅବା ଶାଢ଼ି ଆଦି ମଧ୍ୟ ଟ୍ରାଏ କରିପାରିବେ।

### ଲେୟାରିଙ୍ଗ୍

ଖରାଦିନେ ଲେୟାରିଙ୍ଗ୍‌କୁ ବି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଭାବେ ଗ୍ରହଣ ଖରାଦିନେ ଲେୟାରିଙ୍ଗ୍‌କୁ ବି ଷ୍ଟା କରାଯାଇପାରେ। ଏଥିପାଇଁ ରେଗୁଲ ଗୁଲାର୍ କୁର୍ତ୍ତା ହେଉ ଅଥବା ବା ଟପ୍ସ, ଟି–ସାର୍ଟ, ଶର୍ଟ ଡ୍ରେସ୍, ଜିନ୍ସ, ପ୍ଲାଜୋ, ସ୍କର୍ଟ ଆଦି ଆଉଟ୍‌ଫିଟ୍ ସହ ଝିଅମାନେ ଚାହିଁଲେ ଷ୍ଟଲ୍, ସ୍କାର୍ଫ, କଟନ୍ ଜ୍ୟାକେଟ୍ ଆଦିକୁ ବି ଟ୍ରାଏ କରିପାରିବେ।

### ଗ୍ଲାମର୍ସ ଲୁକ୍

ଗ୍ଲାମର୍ସ ଲୁକ୍ ପସନ୍ଦ ଥିବା ଝିଅମାନେ ଚାହିଁଲେ ସମର୍‌ରେ ଶିୟର୍ ଅବା ଟ୍ରାନ୍ସପରେଣ୍ଟ ଆଉଟ୍‌ଫିଟ୍‌କୁ ବି ଟ୍ରାଏ କରିପାରିବେ। ତେବେ ଧ୍ୟାନ ଦେବେ, ସ୍ଲିମ୍, ଟ୍ରିମ୍ ଫିଗର୍‌କୁ ହିଁ ଏଭଳି ଡ୍ରେସ୍ ଭଲ ମାନିଥାଏ ନଚେତ୍ ଲୁକ୍ ବଲ୍‌କି ଲାଗେ।



# ବେଲପତ୍ର କରିବ ତ୍ୱଚାକୁ ସୁନ୍ଦର

ତ୍ୱଚାରେ ଯଦି ବିଭିନ୍ନ ପ୍ରକାର ଦାଗ ରହିଥାଏ ଅଥବା କୁଣ୍ଡାଇ ହେଉଥାଏ ତେବେ ବେଲପତ୍ରକୁ ବାଟି ସେହି ସ୍ଥାନରେ ଲଗାନ୍ତୁ। କିଛିଦିନ ପରେ ଏହି ସମସ୍ୟା ରହିବ ନାହିଁ। ଏହା ବ୍ୟତୀତ ଯଦି ଦେହରୁ ଝାଳ ଗନ୍ଧ ହେଉଥାଏ ତେବେ କିଛିଦିନ ପର୍ଯ୍ୟନ୍ତ ବେଲପତ୍ରକୁ ବାଟି ଲଗାନ୍ତୁ। ଏହା ସହ ସ୍ନାନ ସମୟରେ ବେଲପତ୍ରର ତେଲକୁ ଲଗାନ୍ତୁ।

ଯଦି କେଶ ଝଡ଼ିବାର ସମସ୍ୟା ରହିଥାଏ ତେବେ ବେଲପତ୍ର ରସ ପ୍ରତିଦିନ ପିଅନ୍ତୁ। ଏହା ସହ ବେଲପତ୍ରକୁ ବାଟି ସେଥିରେ ୧ ଚାମଚ ମହୁ ମିଶାଇ କେଶ ମୂଳରେ ଲଗାନ୍ତୁ। କିଛି ଘଣ୍ଟା ରଖିବା ପରେ କେଶ ଧୋଇ ଦିଅନ୍ତୁ। କିଛିଦିନ ଏପରି କରିବା ଫଳରେ କେଶ ଝଡ଼ିବା କମ୍ ? ହେବା ସହ କେଶ ଅଧିକ କୋମଳ ହୋଇଯିବ।

କେଶରେ ଯଦି ରୂପି ସମସ୍ୟା ରହିଥାଏ ତେବେ ବେଲପତ୍ରକୁ ବାଟି ରସ ବାହାରକରି ଦିଅନ୍ତୁ। ଏବେ ଏଥିରେ ଅଳ୍ପ କର୍ପୂର ଓ ରାଶି ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ। ପ୍ରାୟ ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ନିୟମିତ ଏପରି କରିବା ଫଳରେ ରୂପି ସମସ୍ୟା ଦୂର ହୋଇଯିବ। ବେଲପତ୍ରରେ ବହୁ ଔଷଧୀୟ ଗୁଣ ରହିଛି। ତେଣୁ ଶରୀରର କୌଣସି ସ୍ଥାନରେ ଯଦି ଧଳାଦାଗର ସମସ୍ୟା ରହିଥାଏ ତେବେ



ବେଲପତ୍ର ବ୍ୟବହାର କରିହେବ। ଏଥିପାଇଁ ବେଲପତ୍ରକୁ ବାଟି ଅଧଘଣ୍ଟା ପର୍ଯ୍ୟନ୍ତ ସେହି ସ୍ଥାନରେ ଲଗାନ୍ତୁ। ଏହାପରେ ଧୋଇଦିଅନ୍ତୁ। କିଛିଦିନ ପରେ ଧଳାଦାଗ ଦୂରହେବା ସହ ତ୍ୱଚା ଅଧିକ କୋମଳ ହୋଇପାରିବ ।

# ଭୁଲରେ ବି ଘର ଆଗରେ ଲଗାନ୍ତୁନି ଏହି ୩ଟି ଗଛ



ସନାତନ ଧର୍ମ ଏବଂ ବାସ୍ତୁ ଶାସ୍ତ୍ରରେ, ଅନେକ ଗଛକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ। କୁହାଯାଏ ଯେ ଭଗବାନ ଗଛପତ୍ରରେ ବାସ କରନ୍ତି। ଘରେ ତୁଳସୀ ଏବଂ ଶମି ଭଳି ଶୁଭ ଗଛ ଲଗାଇବାର କାରଣ ଏହା। ବିଶ୍ୱାସ କରାଯାଏ ଯେ ଗଛ ଲଗାଇବା ଦ୍ୱାରା ଘରେ ବାସ୍ତୁ ଦୋଷ ଦୂର ହୁଏ, ହେଲେ ଏଭଳି କିଛି ଗଛ ରହିଛି ଯାହାକୁ ଲଗାଇବା ଅଶୁଭ ବୋଲି ବିବେଚନା କରାଯାଏ।

ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଏହି ୩ଟି ଗଛ ଲଗାଇବା ଦ୍ୱାରା ବାସ୍ତୁ ଦୋଷ ହୋଇପାରେ। ବାସ୍ତୁ ଶାସ୍ତ୍ରର ବିଶେଷଜ୍ଞମାନେ କୁହନ୍ତି ଯେ ଘର ଏବଂ ପରିବାର ଉପରେ ଏହି ଗଛଗୁଡ଼ିକର ଛାଇ ପ୍ରଗତି, ସୁଖ, ସମୃଦ୍ଧି ଏବଂ କଲ୍ୟାଣକୁ ହ୍ରାସ କରେ। ଏହି କାରଣରୁ ଏହି ଗଛଗୁଡ଼ିକୁ ଘରୁ ଦୂରରେ ଲଗାଇବାକୁ ପରାମର୍ଶ ଦିଆଯାଇଛି। ତେବେ, ଆସନ୍ତୁ ଜାଣିବା ଘରେ କେଉଁ ତିନୋଟି ଗଛ ଲଗାଇବା ଉଚିତ୍ ନୁହେଁ।

ପିପ୍ପଳୀ : ସନାତନ ଧର୍ମରେ ପିପ୍ପଳୀ ଗଛର ବହୁତ ମହତ୍ତ୍ୱ ଅଛି। ଶାସ୍ତ୍ରରେ କୁହାଯାଇଛି ଯେ ପିପ୍ପଳୀ ଗଛରେ ଦେବତା ଏବଂ ପୂର୍ବପୁରୁଷ ବାସ କରନ୍ତି। ଏହାକୁ ପୂଜା କରିବା ଦ୍ୱାରା କୁଣ୍ଡଳୀ ଦୋଷ ଦୂର ହୁଏ, କିନ୍ତୁ ବାସ୍ତୁ ଅନୁସାରେ, ଏହାର ଛାଇ ଘରେ ପଡ଼ିବା ଅଶୁଭ ବୋଲି ବିବେଚନା କରାଯାଏ, ତେଣୁ ଏହାକୁ ଘରେ ଲଗାଇବା ଉଚିତ୍ ନୁହେଁ ।ପିପ୍ପଳୀ ଗଛର ଶକ୍ତି ବହୁତ ଶକ୍ତିଶାଳୀ, ଯାହା ପାରିବାରିକ ଜୀବନକୁ ପ୍ରତିକୂଳ ଭାବରେ ପ୍ରଭାବିତ କରେ।

ତେନ୍ତୁଳି: ଘର ପାଖରେ ତେନ୍ତୁଳି ଗଛ ଲଗାଇବା ଉଚିତ୍ ନୁହେଁ। ବିଶ୍ୱାସ କରାଯାଏ ଯେ ଯେଉଁ ଘରେ ତେନ୍ତୁଳି ଗଛର ଛାଇ ପଡ଼ିଥାଏ, ସେହି ଘର ପରିବାର ସଦସ୍ୟଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରେ। ଏହା ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ଉତ୍ତେଜନା ଏବଂ ଘରୋଇ କଳହ ସୃଷ୍ଟି କରିପାରେ।

କଣ୍ଟାଯୁକ୍ତ ଗଛ: ଘର ଭିତରେ ବ୍ୟବହାର ପାଇଁ ବାବଲି କିମ୍ବା କ୍ୟାକ୍ଟସ୍ ଭଳି କଣ୍ଟାଯୁକ୍ତ ଗଛ ସୁପାରିଶ କରାଯାଏ ନାହିଁ। ବାସ୍ତୁ ଅନୁସାରେ, ଏହାର ଛାଇ ପାରିବାରିକ ଦ୍ୱନ୍ଦ, ଅସ୍ପଷ୍ଟ କଥାବାର୍ତ୍ତା ଏବଂ ତିକ୍ତତା ସୃଷ୍ଟି କରିପାରେ। ଏହା କ୍ୟାରିଅର ଏବଂ ବ୍ୟକ୍ତିଗତ ଜୀବନରେ ଅସନ୍ତୁଳନ ସୃଷ୍ଟି କରିପାରେ।

ମାତୃଭାଷା



# ଆବଶ୍ୟକ ନଥିବା ସ୍ଥାନରେ ରାସ୍ତା ନିର୍ମାଣ ଅଭିଯୋଗ

**ମୁଖୀଗୁଡା:** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ଯେଉଁଠି ରାସ୍ତାନିର୍ମାଣ ଆବଶ୍ୟକ ରହିଛି ସେହି ସ୍ଥାନରେ ରାସ୍ତା କରାନଯାଇ ଯେଉଁଠାରେ ଆବଶ୍ୟକ ନାହିଁ ସେହିଠାରେ ନିର୍ମାଣ କରାଯାଉଥିବାରୁ ସାଧାରଣରେ ନିର୍ମାଣ କାର୍ଯ୍ୟକୁ ନେଇ ତୀବ୍ର ସମାଲୋଚନା କରାଯାଉଛି ।ବ୍ଲକର ଉଛୁଳା ପଂଚାୟତ ନୂଆଗୁଡା ଗ୍ରାମରେ ରାସ୍ତା କଂକ୍ରିଟ ପାଇଁ ଗତ ୬ମାସ ତଳେ ସୂଚନା ଫଳକ ଲାଗିଲା, ଆବଶ୍ୟକ ସାମଗ୍ରୀ ରାସ୍ତା କଡରେ ପଡିଲା ହେଲେ ଆଜି ପର୍ଯ୍ୟନ୍ତ ରାସ୍ତା କାମ ହେଉ ନାହିଁ ।ଏହି କାମ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା କଂକ୍ରିଟ କାମ ହେବା କଥା । କୁହାଯାଉଛି ଏହି କାମ କୁଆଡେ ବ୍ଲକ ଅଧକ୍ଷଙ୍କ ଲୋକ କରିବା କଥା କିନ୍ତୁ ଏହି କାମ ବ୍ଲକ ଉପାଧକ୍ଷଙ୍କ ଲୋକ ନିର୍ମାଣ ସାମଗ୍ରୀ ପକାଇବା ପରେ ତାଙ୍କୁ ବିରୋଧ କରାଯାଇ କାମ କରେଇ ଦିଆ ଯାଉନଥିବା କୁହାଯାଉଛି ।ଏହି କାମ ୧ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା ଶୁଣାଯାଉଛି ।ଏହି ରାସ୍ତା କଡରେ ଦୀର୍ଘ ଦିନହେଲା ବାଲି, ଚିପ୍ସ ପଡିଥିବାରୁ ଯାତାୟାତ ରେ ଲୋକଙ୍କୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ସେହିପରି ଭଇଁରିପାଳି ପଂଚାୟତରେ ଆବଶ୍ୟକ ନଥିବା ଜାଗାରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି । ଏହି ପଂଚାୟତର ସରଧାପୁର କେନାଲ ଛକ ରୁ ଗାଇଧାର ନଦୀଖଣ୍ଡକୁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ଯାହା ଜନ ସାଧାରଣଙ୍କ କୌଣସି କାମରେ ଆସୁନାହିଁ ।ସେହି ପରି ଜୟପାଟଣା ସର୍ବ ସାଧାରଣ ସ୍ମଶାନକୁ ଯିବା ପାଇଁ ବଡ଼ବନ୍ଧ ହୁଡାରେ ରାସ୍ତା କଂକ୍ରିଟ କାମ ଜରୁରୀ ଥିବାବେଳେ ସେଠାରେ କରାନଯାଇ ଜୟପାଟଣା କିଶୋରପଡା ବିଚିଂ ପଣ୍ଡା ଘରଠାରୁ ବୁଲୁଦାସ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଉପରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିବା ବେଳେ ଉକ୍ତ ରାସ୍ତା ସନ୍ନିକଟ ଥିବା ଖାଜନ୍ତି ପୋଖରୀକୁ ପ୍ରତିଦିନ ସହସହ ପଡ଼ାବାସୀ ଓ ଚାଷୀ ଯାତାୟାତ କରୁଥିବା ବେଳେ ରାସ୍ତାର ଅବସ୍ଥା ଶୋଚନିୟ ରହିଛି ତାହାର ଉନ୍ନତିକରଣ କରାନଯାଇ ଆଲୋକ ପଣ୍ଡା ଘରଠାରୁ ଭାରତ ଅଗସ୍ତି ଘର ଯାଏଁ ଆବଶ୍ୟକ ନଥିବା ରାସ୍ତା ଅଧାପନ୍ତରିଆ କଂକ୍ରିଟ ରାସ୍ତା କରାଯାଇଛି ।ଜୟପାଟଣା ପିଢ଼ବୁଡି ରାସ୍ତା ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ଏସଏଫସି ୨୦୨୫-୨୬ଯୋଜନାରେ ୧.୫ଲକ୍ଷ ବ୍ୟୟ ଅଟକଳ ରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା ଗତ କିଛିଦିନ ତଳେ ପୁଣି ସେହି କଂକ୍ରିଟ ରାସ୍ତାଉପରେ ବିନା ସୂଚନା ଫଳକରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି । ମଙ୍ଗଳପୁର ପଂଚାୟତ ରାଣୀ ବାହାଲ (ଗୋଜିଆପଡା)ରେ କଂକ୍ରିଟ ରାସ୍ତା ନିର୍ମାଣର ଆବଶ୍ୟକ ରହିଥିଲେ ହେଁ ରାସ୍ତା ନିର୍ମାଣ କରାଯାଉ ନାହିଁ ।ଏବେ ଆଗକୁ ବର୍ଷା ଦିନେ ପୁଣି ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସାମନା କରିବେ । ଜୟପାଟଣା-ଚଂଚରାପଡା ରାସ୍ତା ଗୁପ୍ତେ ପଣ୍ଡାଙ୍କ ଜମି ନିକଟରୁ ପ୍ରାୟ ୧୮୦ ମିଟରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି କିନ୍ତୁ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ । ସେହିପରି ମଙ୍ଗଳପୁର ପଂଚାୟତ ରାଣୀବାହାଲ ଗ୍ରାମରେ, କୁହୁରୀଗୁମା ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ହେଲେ ସୂଚନା ଫଳକ ନଥିବାରୁ ସୂଚନା ସମ୍ପର୍କରେ ଜନ ସାଧାରଣ କୌଣସି ତଥ୍ୟ ପାଉ ନାହାଁନ୍ତି ।ଜନ ସାଧାରଣଙ୍କ ଆବଶ୍ୟକତା କୁ ଗୁରୁତ୍ୱ ପ୍ରଦାନକରି ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି ।

# ବୟସ୍କ ଭିକ୍ଷୁକ ଥଇଥାନ କେନ୍ଦ୍ରରେ ଶିଶୁଆୟୋଗ ସଦସ୍ୟାଙ୍କ ଚଢ଼ଉ

**ରାଉରକେଲା:** ସେକ୍ଟର-୮ସ୍ଥ ବୟସ୍କ ଭିକ୍ଷୁକ ଥଇଥାନ କେନ୍ଦ୍ର ‘ ଆଶାର ଆଲୋକ’ର ଅବ୍ୟବସ୍ଥାକୁ ନେଇ ଉପୁଜିଛି ବିବାଦ । ପରିଚାଳନା ଠିକାସଂସ୍ଥା ଅନ୍ତେବାସୀଙ୍କୁ ଠିକ୍‌ଭାବେ ଖାଇବାକୁ ଦେଉନାହାନ୍ତି । ମୁହଁ ଖୋଲିଲେ ଆଲୁଅ ବନ୍ଦକରି

## ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା

ମାଡମାରୁଛନ୍ତି । ଏମିତି ସାଂଘତିକ ଅଭିଯୋଗ ଆଣିଛନ୍ତି ଥଇଥାନ କେନ୍ଦ୍ରରେ ରହୁଥିବା ଅନ୍ତେବାସୀ । ଏମିତି ଅଭିଯୋଗ ପାଇ ଗତ ଜାନୁଆରି ୨୬ରେ ଶିଶୁଆୟୋଗ ସଦସ୍ୟା କଳ୍ପନା ଲେଙ୍କା ଥଇଥାନ କେନ୍ଦ୍ର ପରିଦର୍ଶନ କରିଥିଲେ । ପରିଚାଳନା ଠିକାସଂସ୍ଥାକୁ ତାଗିଦ୍ କରିବା ସହ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଠିକାସଂସ୍ଥାକୁ ପରିବର୍ତ୍ତନ କରି ନୂଆ ଠିକାସଂସ୍ଥା ଦେବାକୁ କହିଥିଲେ । ନିକଟରେ ଟେଣ୍ଡରକରି ପୁଣି ସେହି ଠିକାସଂସ୍ଥାକୁ କାମ ଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଶ୍ରୀମତୀ ଲେଙ୍କା ।

ଥଇଥାନକେନ୍ଦ୍ରପରିଦର୍ଶନ କରିବା ସହ ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କିଛି ଅନ୍ତେବାସୀ ତାଙ୍କୁ ମାଡ଼ ମରାଯାଉଥିବା ଆୟୋଗ



ସଦସ୍ୟାଙ୍କ ଆଗରେ ଅଭିଯୋଗ କରିଥିଲେ । ଶ୍ରୀମତୀ ଲେଙ୍କା କହିଛନ୍ତି, ଥଇଥାନ କେନ୍ଦ୍ରରେ ଜାନୁଆରିରେ ୫୨ଜଣ ଥିଲେ । ଏବେ ୪୫ ଜଣ ରହୁଛନ୍ତି । କେନ୍ଦ୍ରର ରେଜିଷ୍ଟ୍ରାର ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନି । ମାସକୁ ଖାଇବା ବାବଦରେ ୩ ଲକ୍ଷ ଟଙ୍କା ଓ ଅଢ଼େଇ କ୍ୱିଣ୍ଟାଲ ଚାଉଳ ଯୋଗାଇ ଦିଆଯାଉଛି । ହେଲେ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ପରସାଯାଉଛି । କେବଳ ଏତିକି ନୁହେଁ, ବାହାରର ସଂସ୍ଥା ୨୫ ଦିନ ଓ ଥଇଥାନ କେନ୍ଦ୍ର ପରିଚାଳନା କରୁଥିବା ସଂସ୍ଥା ମାସକୁ ମାତ୍ର ୫ ଦିନ ଖାଦ୍ୟ ଦେଉଛନ୍ତି । ରେଜିଷ୍ଟ୍ରାର ଓ ଅନ୍ୟାନ୍ୟ କାଗଜ ଜବତ କରିଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବି । ଦରକାର ପଡ଼ିଲେ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିବି ବୋଲି ଶ୍ରୀମତୀ ଲେଙ୍କା କହିଛନ୍ତି ।

# ସଂସ୍କୃତି ଭବନଠାରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

**ମାଲକାନଗିରି:** ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ବିଭିନ୍ନ ପ୍ରକାରର ପାରମ୍ପାରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ଏହାର ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସର୍ବଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ, ପାରମ୍ପାରିକ ଓଡ଼ିଆ ଖାଦ୍ୟ କେବଳ ଆମର ସ୍ୱାଦ ନୁହେଁ, ବରଂ ଏହା ଆମ ସଂସ୍କୃତିର ପରିଚୟ । ଆଜିର ଆଧୁନିକ ଯୁଗରେ ଆମର ପୁରାତନ ଖାଦ୍ୟଶୈଳୀକୁ ବଂଚାଇ ରଖିବା ସହ ଏହାକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ଏହିଭଳି ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ । ମାଆମାନଙ୍କର ଏହି କଳା ଆଗାମୀ ଦିନରେ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ବହୁତ ସହାୟକ ହେବ । ବିଚାରକ ଭାବେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝୀ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ଡିପିସି ହର୍ଷାନନ୍ଦ ପ୍ରଧାନ ଆୟୋଜନରେ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ସିଇଓ ସସ୍ତିକା ପ୍ରଧାନ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ । ଅତିଥି ମାନେ ମତବ୍ୟକ୍ତ କରିଥିଲେ ଯେ, ଖାଦ୍ୟ ପ୍ରସ୍ତୁତିରେ ସ୍ୱାଦ ସହିତ ସ୍ୱଚ୍ଛତା ଓ ପୁଷ୍ଟିକର ଗୁଣ ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ । ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଯେଉଁଭଳି ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଛନ୍ତି, ତାହା ପ୍ରଶଂସାଯୋଗ୍ୟ ।

# ମାଟି ତଳୁ ବାହାରିଲା ୨ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ

**ଗଜପତି:** ମାଟି ତଳୁ ବାହାରିଲା ଦୁଇ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ । ପୁଣି ଗଜପତିରେ ପୁଳାପୁଳା ଗଞ୍ଜେଇ । ନୂଆଗଡ଼ ବ୍ଲକ କିରାମା ଗ୍ରାମ ପଞ୍ଚାୟତ ଭିମନପୁର ଗାଁ ନିକଟସ୍ଥ

## ପାଖାପାଖି ୧୧ ଟନ ଗଞ୍ଜେଇ କିଛି ଦିନ ମଧ୍ୟରେ ଜବତ

ଜଙ୍ଗଲ, ଘର ସହ ମାଟି ତଳେ ଗଞ୍ଜେଇ ପୋତା ଯାଇଥିବା ପୁଲିସ୍ ବିଶେଷ ସୂତ୍ରରୁ ଖବର ପାଇଥିଲା । ଯାହାକୁ ନେଇ ଆଜି ସକାଳ ସମୟରେ ଆର୍ ଉଦୟଗିରି ଏସଡ଼ିପିଓ ରାକେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆର୍ ଉଦୟଗିରି ଥାନା ଓ ଚନ୍ଦ୍ରଗିରି ଫାଣ୍ଡିର କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରି ଚଢ଼ାଉ କରାଯାଇଥିଲା । ଚଢ଼ାଉରେ ୬୭ ଟି ଜରି ବସ୍ତାରେ ଥିବା



ଗଞ୍ଜେଇକୁ ବାହାର କରାଯାଇଥିଲା ।

ଜବତ ଗଞ୍ଜେଇକୁ ଏକଜୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା ଯାହାର ପରିମାଣ ଦୁଇ କୁଇଣ୍ଟାଲ ଦଶ କିଲୋ ଗ୍ରାମ ହୋଇଥିଲା । ଏମିତି କି ଏହାର ବଜାର ଦର ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୁଲିସ୍ ପକ୍ଷରୁ ସୁଚନା ଦିଆଯାଇଛି । ପାଖାପାଖି ୧୧ ଟନ ଗଞ୍ଜେଇ କିଛି ଦିନ ମଧ୍ୟରେ ଚଢ଼ାଉ କରି ଜବତ କରି ସାରିଲେଣି ଗଜପତି ପୋଲିସ । ତଥାପି ଗଞ୍ଜେଇର ପରିମାଣ ଏତେ ଚାଷ କରିଥଲେ ମାଫିଆ ମାନେ ଯେ ଏବେ ମାଟି ତଳୁ ଖୋଳି ଖୋଳି ବାହାର କରୁଛି ପୁଲିସ୍ ।

# ଶିକ୍ଷକ ଅଭାବ ନେଇ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା

**ମାଲକାନଗିରି:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ନାଲା ଗୁଣ୍ଡି ପଞ୍ଚାୟତ ଏମଭି ୭୨ ଗ୍ରାମରେ ଥିବା ବିବେକାନନ୍ଦ ବିଦ୍ୟାପିଠ ସମ୍ମୁଖରେ ଆଜି ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଦୀର୍ଘ ଦିନ ଧରି ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକ, ଶିକ୍ଷୟତ୍ରୀ ନଥିବା ନେଇ ଧାରଣା ବସିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁପ କୁମାର ଆଚାରୀ, ଗେଷ୍ଟ ଶିକ୍ଷକ ଉମେଶ ଚନ୍ଦ୍ର ଓଝା, ଶିକ୍ଷୟତ୍ରୀ ଶକୁନ୍ତଳା ଓଝା ମାତ୍ର ତିନି ଜଣ ଶିକ୍ଷକ ରହିଥିବା ବେଳେ ମାତ୍ର ଦୁଇ ସପ୍ତାହ ପରେ ଚଳିତ ମାସ ତା ୩୧/୦୪/୨୦୨୬ରିଖରେ ପ୍ରଧାନ ଶିକ୍ଷକ ଅନୁପ କୁମାର ଆଚାରୀ ଅବସର ନେବେ । ବିଦ୍ୟାଳୟରେ ବର୍ତମାନର ନାମ ଲେଖାଇ ପାଖା ପାଖି ୧୩୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ରହିଛନ୍ତି ।

ଆଗକୁ ରହିଛି ୧୦ମ ଶ୍ରେଣୀର ପରୀକ୍ଷା । ଦଶମ ଶ୍ରେଣୀରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ, ଶିକ୍ଷୟତ୍ରୀ ଅଭାବ ରହିଥିବାରୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବି ଜଣେଇ ବିଦ୍ୟାଳୟ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଧାରଣାରେ ବସିଥିଲେ । ଉକ୍ତ ସମସ୍ୟାକୁ କେନ୍ଦ୍ର କରି ମାଲକାନଗିରି ଜିଲ୍ଲା ବିଜେଡି ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ ଆୟୋଜନ କରାଯାଇଥିଲା । ଉକ୍ତ ସାମ୍ବାଦିକ ସମ୍ମିଳନିରେ ବିଜେଡିର ମାଲକାନଗିରି ଜିଲ୍ଲାର ପୂର୍ବତନ ବିଧାୟକ ମାନସ ମାଡକାମୀ, କାଲିମେଳା ବ୍ଲକ ବିଜେଡି ସଭାପତି ଶଙ୍କର ହାଲଦାର, ଜିଲ୍ଲା ପରିଷଦ ମମତା ପଡିଆମୀ, ସମିତି ସଭ୍ୟ ବିଦ୍ୟା ମାଡକାମୀ, ନାଲଗୁଣ୍ଡି ଗ୍ରାମ ପଞ୍ଚାୟତ ସରପଞ୍ଚ ସୁକାନ୍ତି ମାଡକାମୀ, ନାୟକ ସରପଞ୍ଚ ଉତ୍ତମ ସରକାର, ମାନ୍ୟମକୋଣ୍ଡା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ହରି ଗୋଲଦାରୀ, ପୂର୍ବତନ ବିଧାୟକ ପ୍ରତିନିଧି ବିପ୍ଲବ ବିଶ୍ୱାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳ ବିଶ୍ୱାସ, ଏବଂ ଗ୍ରାମ ର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଧିରେନ ସରକାର, ଫୁଲ ଚାନ୍ଦ ରାୟ, ଦୀନେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଯଦି ଆଗାମୀ ଦିନରେ ବିବେକାନନ୍ଦ ବିଦ୍ୟାପିଠରେ ଆବଶ୍ୟକ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି କରାନ ଯାଏ ତାହାଲେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

### ଏମଆରପିଠାରୁ ଅଧିକ ଦାମ୍‌ରେ ମଦ ବିକ୍ରି

# ଦୋକାନୀ-ଗ୍ରାହକ ପାଟିତୁଣ୍ଡ ଓ ଠେଲାପେଲା

*କେଉଁ ମଦରେ ୫୦ ଟଙ୍କାରୁ ଆରମ୍ଭ କରି ୧୦୦ ଓ ୨୦୦ ଟଙ୍କା ଅଧିକ ଦେବାକୁ ପଡୁଛି । ଅବକାରୀ ଅଧିକାରୀମାନେ ନିରୀକ୍ଷଣ କରିବା ଲାଗି ଦାବି କରିଛନ୍ତି ।*

**ପୁରୀ:** ଏମ୍‌ଆର୍‌ପି ଠାରୁ ଅଧିକ ଦାମ୍‌ରେ ବିକ୍ରି ହେଉଛି ମଦ । ମଦ ଦର ବୃଦ୍ଧିକୁ ନେଇ ମଦୁଆ ଛାନିଆ । ଦରଠାରୁ କ'ଣ ପାଇଁ ଅଧିକ ନେଉଛ ବୋଲି ଦୋକାନ ସମ୍ମୁଖରେ ଦୋକାନୀ ସହ ପାଟିତୁଣ୍ଡ ଓ ଠେଲାପେଲା ହେଉଥିବା ଦେଖିବାକୁ ମିଳୁଛି । କିନ୍ତୁ ମଦ ଦୋକାନୀ ନଛୋଡ଼ବନ୍ଧା । ଅଧିକ ଦାମ୍ ଦେଇ ମଦ ନେଲେ ନିଅ, ନହେଲେ ଯାଅ ବୋଲି ରୋକ୍ ଠୋକ୍ କହୁଛନ୍ତି ଦୋକାନୀ ।



ମଦ ନିତାନ୍ତ ଆବଶ୍ୟକ ଥିବାରୁ ଦର ଅଧିକ ହେଉ ପଛେ ବାଧ ହୋଇ ମଦ କିଣିବାକୁ ପଡୁଛି ନିଜ ନାମ ଗୋପନ ରଖି କହିଛନ୍ତି ଜଣେ ବ୍ୟକ୍ତି ।

ତାଙ୍କ କହିବାନୁଯାୟୀ, ଏମ୍‌ଆର୍‌ପି ଠାରୁ ଅଧିକ ଦାମ୍‌ରେ ବିକ୍ରି ହେବା ନିୟମ ନାହିଁ । କିନ୍ତୁ ସେମାନେ ଜବରଦସ୍ତ ବିକ୍ରି କରୁଛନ୍ତି । ଏପରିକି କେଉଁ ମଦରେ ୫୦ ଟଙ୍କାରୁ ଆରମ୍ଭ କରି ୧୦୦ ଓ ୨୦୦ ଟଙ୍କା ଅଧିକ ଦେବାକୁ ପଡୁଛି । ଅବକାରୀ ଅଧିକାରୀମାନେ ନିରୀକ୍ଷଣ କରିବା ଲାଗି ଦାବି କରିଛନ୍ତି । ଏସମ୍ପର୍କରେ ଅବକାରୀ ଇନ୍ସପେକ୍ଟର ପାର୍ଥସାରଥୀ ରାଉତ କୁହନ୍ତି, ଏପ୍ରିଲ ପହିଲାରୁ ମଦ ଦର ବୃଦ୍ଧି ହୋଇଛି । ମାତ୍ର ଦୋକାନୀମାନେ ପୁରୁଣା ଏମ୍‌ଆର୍‌ପି ଥିବା ମଦକୁ ଅଧିକ ଦାମ୍‌ରେ ବିକ୍ରି କରୁଛନ୍ତି । କେବଳ ପୁରୀ ନୁହେଁ ସମଗ୍ର ଓଡ଼ିଶାରେ ଏହାର ପ୍ରଭାବ ପଡ଼ିଛି । ଏନେଇ ଗ୍ରାହକଙ୍କୁ ଅବଗତ କରିବା ଲାଗି ଦୋକାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ, ପୁରୀ ଜିଲ୍ଲାରେ ମୋଟ ୫୪ଟି ମଦ କାଉଣ୍ଟର ରହିଥିବା ବେଳେ ସେଥିରୁ ୩୬ଟି ଠିପି ବନ୍ଦ ଦୋକାନ ଓ ୧୮ଟି ବିଦେଶୀ ମଦ ଦୋକାନ । ପୁରୀ ସହରରେ ୧୨ଟି ଠିପି ବନ୍ଦ ମଦ ଦୋକାନ ରହିଥିବା ବେଳେ ୧ଟି ଅନ୍ୱପ ଦୋକାନ ରହିଛି ।

### ଭଦ୍ରକ ଜିଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଗମ୍ଭୀର

# ବୃଦ୍ଧି ପାଉଛି ଚୋରି, ଡକାୟତି ଓ ବଳାତ୍କାର ମାମଲା

**ଭଦ୍ରକ:** ଜିଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୀମା ଟପିଗଲାଣି । ଗତବର୍ଷ (୨୦୨୫) ଜିଲାର ବିଭିନ୍ନ ଥାନା ମାନଙ୍କରେ ରୁଜୁ ହୋଇଥିବା ଅପରାଧିକ ମାମଲା ଗତ ଦୁଇବର୍ଷ ତୁଳନାରେ କମ୍ ଥିଲେ ମଧ୍ୟ ଚୋରି, ଡକାୟତି, ବଳତ୍କାର ଭଳି ଅପରାଧିକ ମାମଲାର ରିପୋର୍ଟ ଗତ ୨ ବର୍ଷ ତୁଳନାରେ ଅଧିକ ରହିଛି । ସହରାଂଚଳରୁ ଗ୍ରାମାଂଚଳ ମାନଙ୍କରେ ଚୋରି ଓ ଲୁଟ୍ ଜନସାଧାରଣଙ୍କ ନିଦ ହଜାଇ ଦେଇଛି । ଘର, ଦୋକାନ, ଅଫିସ୍, ମନ୍ଦିର ଓ ରାସ୍ତାଘାଟରେ ଲୁଟେରାମାନଙ୍କ ଉତ୍ପାତ୍ ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସାଇକେଲ୍ ଓ ବାଇକ୍ ଚୋରି ନିତିଦିନିଆ ଘଟଣା ପାଲଟିଛି । ଅନ୍ୟପକ୍ଷରେ ଥାନାମାନଙ୍କରେ ଅରାଜକତା ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ତେବେ ଜିଲା ପୁଲିସ୍ ମୁଖ୍ୟଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଓ କଡା ତାଗିଦ୍ ଯୋଗୁଁ କେତେକ ଅପରାଧିକ ମାମଲାର ପର୍ଦ୍ଦାଫାଶ ହୋଇଛି । ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଲୁଟ୍ ଜିନିଷ ଉଦ୍ଧାର କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଥାନା ଅଧିକାରୀମାନଙ୍କ ମନମାନି ଯୋଗୁଁ ସାଧାରଣ ଲୋକ ନ୍ୟାୟରୁ ବଂଚିତ ହୋଇଛନ୍ତି । ପରବର୍ତ୍ତୀ ମୁହୂର୍ତ୍ତରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେବାକୁ ବାଧ ହୋଇଛନ୍ତି । କାର୍ଯ୍ୟାନୁଷ୍ଠାନ ଗ୍ରହଣ କ୍ଷେତ୍ରରେ ପାତର ଅନ୍ତର ନୀତି ଅବଲମ୍ବନ କରାଯାଉଥିବାରୁ ପୀଡିତ ମାନଙ୍କୁ ନ୍ୟାୟ ମିଳୁନାହିଁ । ଜିଲା ପୁଲିସ୍ ବିଭାଗର ସୂଚନା ଅନୁଯାୟୀ ଗତ ୨୦୨୫ ରେ ୬୬୮୧ ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି । ଗତ ୨୦୨୪ ରେ ୭୯୩୫ ଓ ୨୦୨୩ ରେ ୭୯୮୨ ମାମଲା ରୁଜୁ ହୋଇଥିଲା । ଗତ ୨୦୨୫ ର ସମୁଦାୟ ୬୬୮୧ ଟି ମାମଲା ମଧ୍ୟରୁ ୩୬୫୦ ଟି ମାମଲାର ଚାର୍ଜସିଟ୍ ହୋଇଛି । ୩୩୪ ଟି ମାମଲା ର ଆସାମୀ ଧରାଯାଇନାହିଁ । ଉପଯୁକ୍ତ ପ୍ରମାଣ ଅଭାବରୁ ୧୧୧ଟି ମାମଲା ଫେରାଇ ଦିଆଯାଇଛି । ଏହାମଧ୍ୟରୁ ୨୪୯୭ ଟି ମାମଲା ଚାର୍ଜସିଟ୍ ହେବାର ସମ୍ଭାବନା ରହିଛି । ଗତବର୍ଷ ବାସୁଦେବପୁର ଥାନାରେ ସର୍ବାଧିକ ୮୮୯ ଟି ମାମଲା ରିପୋର୍ଟ କରାଯାଇଥିବାବେଳେ ଭଦ୍ରକ ଗ୍ରାମାଂଚଳ ଥାନାରେ ୮୫୬, ଭଦ୍ରକ ସହରାଂଚଳ ଥାନାରେ ୭୬୭, ଭଣ୍ଡାରିପୋଖରୀରେ ୫୯୮ ଟି, ଧୁଷୁରୀରେ ୫୯୨, ଚାନ୍ଦବାଲିରେ ୫୨୯ ଟି ମାମଲା ରୁଜୁ ହୋଇଛି । ସେହିପରି ଧାମନଗରରେ ୪୫୬ ଟି ମାମଲା ରୁଜୁ ହୋଇଥିବାବେଳେ ତିହିଡିରେ ୪୩୦, ବାଂଶଡାରେ ୩୮୬, ପୀରହାଟରେ ୩୪୮, ସାବରଙ୍ଗରେ ୩୩୯, ନାୟକାଣୀଡିହିରେ ୩୨୭, ପୁରୁଣାବଜାରରେ ୩୧୨, ବନ୍ତରେ ୨୮୩, ଆଗରପଡାରେ ୨୪୨, କସିଆ ମେରାଇନ୍‌ରେ ୧୭୧, ଚୂଡାମଣି ମେରାଇନ୍‌ରେ ୧୦୫, ଧାମରାରେ ୬୧ ଓ ଧାମରା ମେରାଇନ୍‌ରେ ୪୦ ଟି ମାମଲା ରୁଜୁ ହୋଇଛି ।

# ପଡିଆ ବ୍ଲକରେ ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କଲେ ଜିଲ୍ଲାପାଳ

**ମାଲକାନଗିରି:** ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପଡିଆ ବ୍ଲକ ଗସ୍ତ କରି ବିଭିନ୍ନ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସେଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଗସ୍ତ ସମୟରେ ସେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଜନସାଧାରଣଙ୍କ ସୁବିଧା ପାଇଁ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ଜିଲ୍ଲାପାଳ ଇରାଲଗୁଣ୍ଡି ଭିମା ମାଡକାମୀ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ ଓ ହଷ୍ଟେଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ପିଏ ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି କନ୍ୟାଶ୍ରମ ସ୍ଥିତ ପିଏମ୍ ଶ୍ରୀ ସ୍କୁଲ୍ ପରିଦର୍ଶନ କରି ଶ୍ରେଣୀ ଗୃହର ମରାମତି ଓ ଖେଳ ପଡିଆର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୀଳିଗୁଡା ଠାରେ ନିର୍ମାଣାଧୀନ ହୋମିଓପାଥି ମେଡିକାଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ଇରାଲଗୁଣ୍ଡି ଅଙ୍ଗନବାଡ଼ି କେନ୍ଦ୍ରକୁ ଏକ ଆଧୁନିକ ଅଙ୍ଗନବାଡ଼ି କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଛନ୍ତି । ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଜିଲ୍ଲାପାଳ ଉଣ୍ଡରୁକୋଣ୍ଡା ଠାରେ ମହିଳାଙ୍କ ଦ୍ୱାରା ପରିଚାଳିତ ଶାବେରୀ ଘରୋଇ ଉତ୍ପାଦ କେନ୍ଦ୍ରର ବଡ଼ି ଓ ପାମ୍ପଡ ପ୍ରସ୍ତୁତି ଦେଖି ଖୁସି ବ୍ୟକ୍ତ କରିଥିଲେ ।

# ଗଞ୍ଜାମରେ ମାସାନ୍ତ ମେରୁ ଯାତ୍ରା, ପାରମ୍ପରିକ ଦଣ୍ଡ ଯାତ୍ରାର ସମାପନ

**ଗଞ୍ଜାମ:** ଗଞ୍ଜାମ ଜିଲ୍ଲାର ବିଭିନ୍ନ ଜାଗାରେ ମାସାନ୍ତ ମେରୁ ଯାତ୍ରା । ଆଜି ସଂକ୍ରାନ୍ତି ମେରୁ ଅନୁଷ୍ଠିତ ହେବ । ମୀନ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥିବା ବିଷୁବ ସଂକ୍ରାନ୍ତିରେ ମେରୁଯାତ୍ରା ହୋଇ ଶେଷ ହୋଇଥାଏ । ତେବେ କିଛି ଜାଗାରେ ଗଞ୍ଜାମର ଏହି ପାରମ୍ପରିକ ଦଣ୍ଡ ଯାତ୍ରା ସଂକ୍ରାନ୍ତି ଦିନ ଶେଷ ହେଉଥିବା ବେଳେ କିଛି ଜାଗାରେ ସଂକ୍ରାନ୍ତି ପୂର୍ବ ଦିନ ମାସନ୍ତ ଦିନ ଶେଷ ହୋଇଥାଏ । ମାନସିକଧାରୀ ମାନେ ମିନ ସଂକ୍ରାନ୍ତି ଠାରୁ ମେଷ ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ପାଳନରେ ରହିଥାନ୍ତି । ଏହାକୁ ଦଣ୍ଡ ଯାତ୍ରା ବା ଚୈତ୍ର ମାସ ଝାମୁ ଯାତ୍ରା ମଧ୍ୟ କୁହାଯାଏ । ମାନସିକ ଧାରୀ ମାନେ ମାନସିକ ରଖି ଦଣ୍ଡକାଳୀ ଠାକୁରଙ୍କୁ ଧରି ଗାଁକୁ ଗାଁ ବୁଲିଥାନ୍ତି ।



# ଗ୍ରୀଷ୍ମ ପ୍ରବାହ ପାଇଁ ସକାଳ ୭ରୁ ଜନଶୁଣାଣି

**ଝାରସୁଗୁଡା:** ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ସାଧାରଣ ଜନତାଙ୍କ ସୁବିଧା ପାଇଁ ଜନ ଅଭିଯୋଗ ଶୁଣାଣି ସମୟରେ ପ୍ରଶାସନ ପକ୍ଷରୁ ପରିବର୍ତ୍ତନ କରାଯାଇଛି । ବଢୁଥିବା ଖରା ଓ ଗୁଳୁଗୁଳିରୁ ଲୋକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏଣିକି ସକାଳୁଆ ଶୁଣାଣି କରିବାକୁ ନିଷ୍ପତି ନିଆଯାଇଛି । ବର୍ତମାନ ଏହା ସକାଳ ୭ଟାରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପତ୍ର ସଂଖ୍ୟା ୧୧୦୪୩/ଜି ଏ ପି ଜି ଅନୁଯାୟୀ, ୧୦.୦୪.୨୦୨୬ ଠାରୁ ଏହି ନୂତନ ନିୟମ କାର୍ଯ୍ୟକାରୀ ହୋଇଛି । ଏହି ନିର୍ଦ୍ଦେଶନାମା ଅନୁସାରେ, ପ୍ରତି ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସକାଳ ୭ଟା ରୁ ଆରମ୍ଭ ହୋଇ ୧୦ଟା ମଧ୍ୟରେ ଶେଷ ହେବ । ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଏହି ସକାଳୁଆ ସମୟସୂଚୀ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂର୍ଯ୍ୟଙ୍କ ପ୍ରଖର କିରଣରୁ ଜନସାଧାରଣଙ୍କୁ ରକ୍ଷା କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ସକାଳ ୧୦ଟା ପରେ ତାପମାତ୍ରା ଅଧିକ ରହୁଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ଏହି ନୂତନ ସମୟ ଅନୁଯାୟୀ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି ।

# ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା

**ଭଦ୍ରକ:** ଏହି ଜିଲାର ଚାନ୍ଦବାଲି ଏନଏସି ଅନ୍ତର୍ଗତ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ଅନନ୍ତ ଚରଣ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ଶତାଧିକ ବରିଷ୍ଠ ସଦସ୍ୟ ଉପସ୍ଥିତ ହୋଇ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସଭାରେ ବର୍ତମାନ ବଢୁଥିବା ଦରବୃଦ୍ଧି ଓ ବରିଷ୍ଠ ନାଗରିକଙ୍କ ପ୍ରତି ସରକାରୀ ଉଦାସୀନତାକୁ ନେଇ ସଦସ୍ୟମାନେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ । ଚାନ୍ଦବାଲି ଅଂଚଳରେ ଏପର୍ଯ୍ୟନ୍ତ ବରିଷ୍ଠ ନାଗରିକଙ୍କ ଫଟୋ ପରିଚୟପତ୍ର ବଂଟନ ହୋଇନଥିବାକୁ ନେଇ ସ୍ଥାନୀୟ ପ୍ରଶାସନର ନିଷ୍କ୍ରିୟତାକୁ ସମାଲୋଚନା କରାଯାଇଥିଲା । ସେହିପରି ଡାକ୍ତରଖାନା, ବ୍ୟାଙ୍କ ଓ ତହସିଲ କାର୍ଯ୍ୟାଳୟରେ ଲମ୍ବା ଲାଇନରେ ଦଣ୍ଡାୟମାନ ହେବାକୁ ବାଧ ହେଉଥିବା ସମସ୍ୟା ନିବାରଣ ପାଇଁ ମଧ୍ୟ ଦାବି ଉଠିଥିଲା ।ସଂଘର ସଂପାଦକ ପ୍ରମୋଦ ତ୍ରିପାଠୀ କହିଥିଲେ ଯେ, ସରକାର ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଥିଲେ ମଧ୍ୟ ସେଗୁଡିକର ଲାଭ ଭୂମିସ୍ତରରେ ପହଂଚୁନାହିଁ । ଫଳରେ ବରିଷ୍ଠମାନେ ସବୁଠି ଉପେକ୍ଷାର ଶିକାର ହେଉଛନ୍ତି । ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନସନ ସମ୍ପର୍କିତ ସରକାରୀ ନିଷ୍ପତି ମଧ୍ୟ ସଠିକ ଦିଗରେ ନଥିବା ବୋଲି ସେ ମତ ପ୍ରକାଶ କରିଥିଲେ । ସଭାରେ ନିଷ୍ପତି ହୋଇଥିଲା ଯେ, ଆଗାମୀ ମେ ୧୪ ତାରିଖ ସଂଗଠନ ଦିବସ ପୂର୍ବରୁ ଦାବିଗୁଡିକ ପୂରଣ ନହେଲେ ସଂଘ ଆନ୍ଦୋଳନ ପନ୍ଥା ଗ୍ରହଣ କରିବ । ଏଥି ସହ ବରିଷ୍ଠ ନାଗରିକଙ୍କ ପାଇଁ ଆମ୍ବୁଲାନ୍ସ ସେବା ଆରମ୍ଭ କରିବା ଓ ଚାନ୍ଦବାଲିରେ ନେତ୍ର ଚିକିତ୍ସାଳୟ ସ୍ଥାପନ ପାଇଁ ସମସ୍ତଙ୍କ ଉଦ୍ୟମ ଜରୁରୀ ମତ ପ୍ରକାଶ ପାଇଥିଲା ।

# ସୀମାନ୍ତ ଗାଁର ଯନ୍ତ୍ରଣା: ୫ କେଜି ଚାଉଳ ପାଇଁ ୮ କିମି ଯାତ୍ରା

**ରାଉରକେଲା:** ଝାଡ଼ଖଣ୍ଡ ସୀମାନ୍ତରେ ଅଛି ସୁନ୍ଦରଗଡ଼ଜିଲ୍ଲା ନୂଆଗାଁ ବ୍ଲକର ପାନିଆସାଲ ଓ ଲାଖୁଆ ବସ୍ତି । ଦେଶ ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଏମାନେ ବିକାଶ ଦେଖିପାରି ନାହାନ୍ତି । ଝାଡ଼ଖଣ୍ଡର ଚୋରା ବିଜୁଳିରେ ଦୂର ହେଉଛି ବସ୍ତିର ଅନ୍ଧାର । ତା' ପୁଣି ମାସର ଅଧାଦିନ । ଦେଢ଼ କିମି ଦୂରରେ ଥିବା ଝାଡ଼ଖଣ୍ଡ ହୁର୍ଦ୍ଦା ଗାଁର ନଳକୂଅ ଏମାନଙ୍କ ଶୋଷ ମେଣ୍ଟାଉଛି । ମୌଳିକ ସୁବିଧା ଟିକକ ପାଇଁ ବର୍ଷ ବର୍ଷ ଏମିତି ସଂଘର୍ଷ କରୁଛନ୍ତି । ନିର୍ବାଚନ ବେଳେ ନେତା ଓ ପ୍ରଶାସନର ପାଦ ପଡ଼େ ଓ ପ୍ରତିଶ୍ରୁତି ମିଳେ । ପରବର୍ତ୍ତୀ ସମୟରେ ଉପାନ୍ତ ଗାଁ ଓ ବସ୍ତିର ମୌଳିକ ସମସ୍ୟାକୁ ସମସ୍ତେ ଭୁଲି ଯାଆନ୍ତି । ନୂଆଗାଁ ପଞ୍ଚାୟତଠୁ ୮ କିମି ଦୂରରେ ରହିଛି ପାନିଆସାଲ ଗାଁର ଲାଖୁଆ ବସ୍ତି, ଓରାମ ବସ୍ତି, ମୁଣ୍ଡା ବସ୍ତି, ଗଞ୍ଜୁଟୋଲି । ପରିବାର ସଂଖ୍ୟା ୧୫୦୦ରୁ ଅଧିକ । ରାସ୍ତା ନ ଥିବାରୁ ଆଜି ପର୍ଯ୍ୟନ୍ତ ଗାଁକୁ ବସ୍ ଗଡ଼ିନି । ପିଡିଏସ୍ ଚାଉଳ ପାଇଁ ୮ କିମି ଦୂର ଚିତାପେଢ଼ି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି । ଭଡ଼ା ଅବା

## ଝାଡ଼ଖଣ୍ଡର ଚୋରା ବିଜୁଳି, ପାଣି ଭରସା

## ଖଟିଆରେ ବୁହା ହୁଅନ୍ତି ରୋଗୀ

ଚାଉଳ; ବୃଦ୍ଧ ବୃଦ୍ଧାଙ୍କୁ ଦିନଟିଏ ସଂଘର୍ଷ କରିବାକୁ ପଡୁଛି । ଅଣ୍ଟାସଳଖ ଛିଡ଼ା ହୋଇପାରୁ ନଥିବା ବୃଦ୍ଧବୃଦ୍ଧାଙ୍କ ଅବସ୍ଥା ନ କହିବା ଭଲ । ୪୦ ଡିଗ୍ରି ତାତିରେ ବିପର୍ଯ୍ୟସ୍ତ ରାସ୍ତାରେ ଚାଲି ଚାଲି ପଞ୍ଚାୟତରେ ପହଞ୍ଚୁଛନ୍ତି । ସବୁଠୁ ଆଶ୍ଚର୍ଯ୍ୟ କଥା, ଗାଁ ଓ



ବସ୍ତିର କାହାରିକୁ ପକ୍କା ଘର ମିଳିନି । ପଞ୍ଚାୟତରୁ ଗାଁକୁ ସଂଯୋଗ କରୁଥିବା ରାସ୍ତା ଯେତିକି ସଂକୀର୍ଣ୍ଣ, ସେମିତି ଜରାଜୀର୍ଣ୍ଣ । ଆମ୍ବୁଲାନ୍ସ ପାଖରେ ରୋଗୀକୁ ପହଞ୍ଚାଇବାକୁ ପରିବାର ଓ ପଡ଼ୋଶୀ ଖଟିଆରେ ଦେଢ଼ କିଲୋମିଟର ବୋହୁଛନ୍ତି । ବର୍ଷା ଦିନେ ସ୍ଥିତି ଆହୁରି ସଙ୍ଗିନ । ଫନି ବାତ୍ୟା ପରଠାରୁ ବିଦ୍ୟୁତ୍ ଖୁଣ୍ଟ ସେମିତି ଛିଡ଼ା ହୋଇଛି । ଆଜି ପର୍ଯ୍ୟନ୍ତ ଏହି ଗାଁ ଓ ବସ୍ତିକୁ ବିଜୁଳି ସଂଯୋଗ ହୋଇନି । ପଡ଼ୋଶୀ ଝାଡ଼ଖଣ୍ଡ ଗାଁର ଚୋରା ବିଜୁଳିରେ ବସ୍ତିରେ ଆଲୁଅ ଜଳୁଛି । ପାନୀୟଜଳ ସମସ୍ୟା ଦୂର କରିବାକୁ ନଳକୂଅ ଅଛି । ପାହାଡ଼ ପାଦଦେଶ ଗାଁ ଓ ବସ୍ତିରେ ଜଳସ୍ତର କମିଯାଉଥିବାରୁ ନଳକୂଅ ଅଚଳ ହୋଇଯାଉଛି । ଭୋରରୁ ପ୍ରାୟ ଦେଢ଼ କିମି ଦୂର ଝାଡ଼ଖଣ୍ଡର ହୁର୍ଦ୍ଦା ଗାଁର ନଳକୂଅରୁ ପାଣି ଆଣିଲେ ପରିବାରର ଶୋଷ ମେଣ୍ଟୁଛି । ବସ୍ତିର ଦିଲୀପ ଲାଖୁଆ, ସନ୍ଦୀପ ଲାଖୁଆ ଓ ଲାଲୋ ଲାଖୁଆ କହିଛନ୍ତି, ସୀମାନ୍ତ ବସ୍ତି ହୋଇଥିବାରୁ କେହି ଦୁଃଖ ଶୁଣୁନାହାନ୍ତି । ସରକାର ବଦଳୁଛି । ଆମ ଭାଗ୍ୟ ବଦଳୁ ନାହିଁ । ଚେତାପଢ଼ି ସରପଞ୍ଚ ଏତୋ ଖାଖା କହିଛନ୍ତି, ସୀମାନ୍ତ ଗାଁ ହୋଇଥିବାରୁ ଏଭଳି ସମସ୍ୟା ଉପୁଜିଛି । ଲୁଟ୍ ଭୟ ଥିବାରୁ ଭଡା ଟଙ୍କା କର୍ମଚାରୀ ନେଇ ଆସୁନାହାନ୍ତି । ଏ ସଂକ୍ରାନ୍ତରେ ବ୍ଲକ୍ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅବଗତ କରାଇଛି ।

# ଚେନ୍ନାଇର କ୍ରମାଗତ ଦ୍ୱିତୀୟ ବିଜୟ

## ସଞ୍ଜୁ ମାର୍ଚ୍ଚର ଶ୍ରେଷ୍ଠ ଖେଳାଳି




**ମୁମ୍ବାଇ, ୧୪।୪:** ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ସହ ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଂଜୁ ସାମସନ୍‌ଙ୍କୁ ମାର୍ଚ୍ଚ ମାସ ପାଇଁ ଶ୍ରେଷ୍ଠ ପୁରୁଷ ଖେଳାଳି ଘୋଷଣା କରିଛି ଆଇସିସି । ଏହି ବିଶ୍ୱକପ୍‌ର ପ୍ରଥମ କେତୋଟି ମ୍ୟାଚ୍‌ରେ ସାମସନ୍ ଭଲ ଖେଳିପାରିନଥିଲେ ବି ଗୁରୁତ୍ୱପୂର୍ଣ୍ଣ ନକ୍‌ଆଉଟ୍ ମ୍ୟାଚ୍ ଗୁଡ଼ିକରେ ସେ ମ୍ୟାଚ୍ ବିଜୟୀ ପ୍ରଦର୍ଶନ କରିଥିଲେ। ମହିଳା ବର୍ଗରେ ନ୍ୟୁଜିଲାଣ୍ଡ ଅଧିନାୟିକା ମିଲି କେର୍‌ଙ୍କୁ ମାର୍ଚ୍ଚ ମାସର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି । ଏହି ପୁରସ୍କାର ଜିତିବା ସଂପର୍କରେ ନିଜର ପ୍ରତିକ୍ରିୟା ରଖି ସାମସନ କହିଛନ୍ତି ଯେ ଏହା ଏକ ସ୍ୱତନ୍ତ୍ର ଅନୁଭବ, କାରଣ ଏହା ତାଙ୍କ କ୍ରିକେଟ୍ ଯାତ୍ରାର ସବୁଠାରୁ ଅଭୁଲା ସମୟରେ ମିଳିଛି । ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତ ପାଇଁ ଖେଳି ବିଜୟୀ କରାଇବା ଏକ ସ୍ୱପ୍ନ ସାକାର ହେବାପରି । ଗତ ପାଞ୍ଚମାସରେ ଦକ୍ଷିଣ ଆଫ୍ରିକାର ସାଇମନ୍ ହାର୍ବର, ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ, ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ୍ ଓ ପାକିସ୍ତାନର ସାହିବଜାଦା ଫର୍‌ହାନ୍ ଏହି ପୁରସ୍କାର ଜିତିଛନ୍ତି ।

## ବିଶ୍ୱ ମୁଷ୍ଟିଯୁଦ୍ଧରେ ମନୋଜ ପ୍ରଥମ ଭାରତୀୟ ବୈଷୟିକ ଅଧିକାରୀ




**ନୂଆଦିଲ୍ଲୀ, ୧୪।୪:** ବିଶ୍ୱ ମୁଷ୍ଟିଯୁଦ୍ଧରେ ବୈଷୟିକ ଅଧିକାରୀ ହେବାରେ ଲେଫ୍ଟନାଣ୍ଟ୍ କର୍ଣ୍ଣେଲ୍ ମନୋଜ କୁମାର ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । ଏହି ବିଷୟରେ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ) ନିଶ୍ଚିତ କରିଛି । ଏଥିସହ ରାଜେନ୍ଦ୍ରନ ରବୀନ୍ଦ୍ରନ ମଧ୍ୟ ମହାଦେଶୀୟ ଆଇଟିଓ ବିଶ୍ୱ ବକ୍ସିଂ ପରୀକ୍ଷାରେ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଏଫ୍‌ଆଇ କହିଛି । ସାମାଜିକ ଗଣମାଧ୍ୟମରେ ବିଏଫ୍‌ଆଇ ମଧ୍ୟ ଉଭୟଙ୍କୁ ଅଭିନନ୍ଦନ ଜଣାଇଛି । ନିକଟରେ ମଙ୍ଗୋଲିରେ ଉଲାନବାତରଠାରେ ଶେଷ ହୋଇଥିବା ଏସୀୟ ପ୍ରତିଯୋଗିତାରେ ଭାରତୀୟ ମୁଷ୍ଟିଯୁଦ୍ଧ ଦଳ ୪ ସ୍ୱର୍ଣ୍ଣ ସହ ୧୬ ପଦକ ଜିତିଥିଲା ।



- ନୁର ଅହମ୍ମଦ ଓ କାମ୍ବୋଜଙ୍କ ଘାତକ ବୋଲିଂ
- ଖାତା ଖୋଲିପାରିଲେନି ଗ୍ରୀନ
- କେକେଆରକୁ ୩୨ ରନ୍‌ରେ ପରାସ୍ତ କଲା ଚେନ୍ନାଇ

**ଚେନ୍ନାଇ, ୧୪।୪:** ଆଇପିଏଲ୍ ୨୦୨୬ର ୨୨ତମ ମ୍ୟାଚ୍ ଚେନ୍ନାଇ ସୁପର କିଙ୍ଗ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯାଇଥିଲା । ଏମଏ ଚିଦମ୍ବରମ ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଚେନ୍ନାଇ ୧୯୨ ରନ କରିଥିଲା । ସଞ୍ଜୁ ସାମସନ ସର୍ବାଧିକ ୪୮ ରନ କରିଥିବା ବେଳେ ଡେୱାଲ୍ଡ ବ୍ରେଭିସ ୪୧ ରନ ଓ ଆୟୁଷ ମହାତ୍ରେ ୩୮ ରନ କରିଥିଲେ । ବୋଲିଂରେ କେକେଆର ପକ୍ଷରୁ କାର୍ତ୍ତିକ ତ୍ୟାଗୀ ୨ ୱିକେଟ୍ ନେଇଛନ୍ତି ।

୧୯୩ ରନର ବିଜୟଲକ୍ଷ୍ୟ ନେଇ ଖେଳିଥିବା କୋଲକାତା ନାଇଟ୍ ରାଇଡର୍ସ ଦଳ ଆରମ୍ଭରୁ ବିସ୍ଫୋରକ ବ୍ୟାଟର ଫିନ ଆଲେନଙ୍କ ୱିକେଟ୍ ହରାଇଥିଲା । ଏହାପରେ ସୁନୀଲ ନାରିନ କିଛି ଭଲ୍ ସଟ୍ ଖେଳିଥିଲେ ହେଁ ତାଙ୍କୁ ଆଉଟ୍ କରି କାମ୍ବୋଜ ଚେନ୍ନାଇ ପାଇଁ ବଡ଼ ସଫଳତା ଆଣଇଦେଇଥିଲେ । ସେ ୧୭ଟି ବଲ୍‌ରୁ ୨୪ ରନ୍ କରିଥିଲେ । ଏହାପରେ ଅଧିନାୟକ ଆଜିଙ୍କ୍ୟ ରାହାଣେ ଓ ଅଙ୍ଗକ୍ରିଶ ରଘୁବଂଶୀ ଦଳର ସ୍କୋରକୁ ଧିରେ ଧିରେ ଆଗେଇ ନେଇଥିଲେ । ହେଲେ ଦୁଇ ଜଣଙ୍କ ୱିକେଟ୍ ପତନ ପରେ ଦଳର ବିପର୍ଯ୍ୟୟ ବଢ଼ିଯାଇଥିଲା । ମିଡିଲ୍ ଓଭରରେ ନୁର ଅହମ୍ମଦ କୋଲକାତାର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ । ସେ କ୍ରମାଗତ ୩ଟି ୱିକେଟ୍ ନେଇ କୋଲକାତାକୁ ବ୍ୟାକଫୁଟ୍‌କୁ ନେଇ ଯାଇଥିଲେ । ରାହାଣେ ୨୨ଟି ବଲ୍‌ରୁ ୨୮ ଓ ରଘୁବଂଶୀ ୧୯ଟି ବଲ୍‌ରୁ ୨୭ ରନ୍ କରିଥିଲେ । ଦଳର ଦୁଇ ନିର୍ଭରଯୋଗ୍ୟ ମିଡିଲ ଅର୍ଡର ରିଙ୍କୁ ସିଂହ ଓ କାମେନର ଗ୍ରୀନ ସଂପୂର୍ଣ୍ଣ ବିଫଳ ହୋଇଥିଲେ । ରିଙ୍କୁ ୧୨ଟି ବଲ୍‌ରୁ ୬ ଓ ଗ୍ରୀନ ଖାତା ଖୋଲିପାରିନଥିଲେ । ଶେଷରେ ଚେନ୍ନାଇ ମ୍ୟାଚଟିକୁ ୩୨ ରନ୍ ଜିତିନେଇଥିଲା । ଚେନ୍ନାଇ ପକ୍ଷରୁ ନୁର ଅହମ୍ମଦ ୩ଟି ଓ କାମ୍ବୋଜ ୨ଟି ୱିକେଟ୍ ନେଇଥିଲେ ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇକୁ ୨୫ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା । ଅଧିନାୟକ ଋତୁରାଜ ଗାଏକ୍ୱାଡ଼ ନିଜର ଖରାପ ଫର୍ମ ବଜାୟ ରଖି ୭ ରନ କରି ଆଉଟ୍ ହୋଇଥିଲେ । ସଞ୍ଜୁ ସାମସନ ଓ ଆୟୁଷ ମହାତ୍ରେ ବିସ୍ଫୋରକ ବ୍ୟାଟିଂ କରି ୨ୟ ୱିକେଟ୍ ପାଇଁ ୪୭ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ । ମହାତ୍ରେ ମାତ୍ର ୧୭ ବଲରୁ ୬ ଚୌକା ଓ ୨ ଛକା ସହ ୩୮ ରନ କରିଥିଲେ । ସଞ୍ଜୁ ସାମସନ ୪୮ ରନର ଉପଯୋଗୀ ଇନିଂସ ଖେଳିଥିଲେ ।

ମଧ୍ୟକ୍ରମରେ ଡେୱାର୍ଲ୍ଡ ବ୍ରେଭିସ ୨୯ ବଲରୁ ୪୧ ରନ କରିଥିଲେ । ସରଫରାଜ ଖାନଙ୍କ ବ୍ୟାଟରୁ ୨୩ ରନ ଓ ଶିବମ ଦୁବେ ୧୩ ରନ କରିଥିଲେ । ଶେଷରେ ଚେନ୍ନାଇ ୫ ୱିକେଟ୍ ହରାଇ ୧୯୨ ରନ କରିଛି । ବୋଲିଂରେ କାର୍ତ୍ତିକ ତ୍ୟାଗୀ ୩୫ ରନ ଦେଇ ୨ଟି ୱିକେଟ୍ ନେଇଛନ୍ତି । ଅନୁକୁଲ ରୟ ୩ ଓଭରରେ ମାତ୍ର ୨୧ ରନ ଦେଇ ଗୋଟିଏ ଏବଂ ସୁନିଲ ନାରିନ ୪ ଓଭରରେ ୨୧ ରନ ଦେଇ ଗୋଟିଏ ୱିକେଟ୍ ନେଇଛନ୍ତି ।

**ଚେନ୍ନାଇ ଇନିଂସ:୧୯୨/୫ (୨୦ ଓଭର)**

| | | | |
|---|---|---|---|
| ସଞ୍ଜୁ ସାମସନ | ବୋ ତ୍ୟାଗୀ | ୪୮ | ୩୨ |
| ଋତୁରାଜ ଗାଏକ୍ୱାଡ୍ | କ୍ୟା ପାୱେଲ ବୋ ଅନୁକୁଲ | ୦୭ | ୦୬ |
| ଆୟୁଷ ମାତ୍ରେ | କ୍ୟା ରମନଦୀପ ବୋ ବୈଭବ | ୩୮ | ୧୭ |
| ଡେୱାଲ୍ଡ ବ୍ରେଭିସ | କ୍ୟା ବୈଭବ ବୋ ତ୍ୟାଗୀ | ୪୧ | ୨୯ |
| ସର୍ଫରାଜ ଖାନ | ବୋ ନାରିନ | ୨୩ | ୧୮ |
| ଶିବମ ଦୁବେ | ଅପରାଜିତ | ୧୩ | ୧୨ |
| ଜେମି ଓଭରଟନ | ରନଆଉଟ୍ | ୦୭ | ୦୬ |
| ଅତିରିକ୍ତ | | ୧୫ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ବୈଭବ ଅରୋରା | ୪ | ୦ | ୫୫ | ୧ |
| କାମେରନ ଗ୍ରୀନ | ୨ | ୦ | ୩୦ | ୦ |
| ଅନୁକୁଲ ରଏ | ୩ | ୦ | ୨୧ | ୧ |
| ସୁନୀଲ ନାରିନ | ୪ | ୦ | ୨୧ | ୧ |
| ବରୁଣ ଚକ୍ରବର୍ତ୍ତୀ | ୩ | ୦ | ୨୬ | ୦ |
| କାର୍ତ୍ତିକ ତ୍ୟାଗୀ | ୪ | ୦ | ୩୫ | ୨ |

**କୋଲକାତା ଇନିଂସ: ୧୬୦/୭ (୨୦ ଓଭର)**

| | | | |
|---|---|---|---|
| ଫିନ ଆଲେନ | କ୍ୟା ଦୁବେ ବୋ କାମ୍ବୋଜ | ୦୧ | ୦୩ |
| ସୁନୀଲ ନାରିନ | କ୍ୟା ଗୁରଜପନିତ ବୋ କାମ୍ବୋଜ | ୨୪ | ୧୭ |
| ଆଜିଙ୍କ୍ୟ ରାହାଣେ | କ୍ୟା ଋତୁରୀଜ ବୋ ନୁର | ୨୮ | ୨୨ |
| ଅଙ୍ଗକ୍ରିଶ ରଘୁବଂଶୀ | କ୍ୟା ବ୍ରେଭିସ ବୋ ହୋସେନ | ୨୭ | ୧୯ |
| ରିଙ୍କୁ ସିଂହ | କ୍ୟା ଦୁବେ ବୋ ନୁର | ୦୬ | ୧୨ |
| କାମେରନ ଗ୍ରୀନ | ବୋ ନୁର | ୦୦ | ୦୧ |
| ରୋଭମନ ପାୱେଲ | ଅପରାଜିତ | ୩୧ | ୨୨ |
| ରମନଦୀପ ସିଂହ | କ୍ୟା କ୍ୟା ସର୍ଫରାଜ ବୋ କାମ୍ବୋଜ | ୩୫ | ୨୩ |
| ଅନୁକୁଲ ରଏ | ଅପରାଜିତ | ୦୧ | ୦୧ |
| ଅତିରିକ୍ତ | | ୧୦ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଖଲିଲ ଅହମ୍ମଦ | ୩.୫ | ୦ | ୨୪ | ୧ |
| ଅନସୁଲ କାମ୍ବୋଜ | ୪ | ୦ | ୩୨ | ୨ |
| ଅକେଲ ହୋସେନ | ୪ | ୦ | ୨୬ | ୧ |
| ନୁର ଅହମ୍ମଦ | ୪ | ୦ | ୨୧ | ୩ |
| ଗୁରଜପନିତ ସିଂହ | ୧.୧ | ୦ | ୨୩ | ୦ |
| ଜେମି ଓଭରଟନ୍ | ୩ | ୦ | ୩୨ | ୦ |

### ୱିଜଡେନ୍ ପୁରସ୍କାର ପୋଛିନେଲେ ଭାରତୀୟ

## ଦୀପ୍ତି ଶର୍ମା ଓ ଅଭିଷେକ ଶର୍ମା ଶ୍ରେଷ୍ଠ କ୍ରିକେଟର

*ମୋଟ ୮ଟି ପୁରସ୍କାର ମଧ୍ୟରୁ ଭାରତୀୟମାନେ ସର୍ବାଧିକ ୬ଟି ଜିତିବା ଉଲ୍ଲେଖନୀୟ ବିଷୟ ହୋଇଛି । ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଥାଏ ।*




**ନୂଆଦିଲ୍ଲୀ, ୧୧:** କ୍ରିକେଟ୍‌ର ବାଇବେଲ୍ ଭାବେ ପରିଚିତ ୱିଜଡେନ୍ ଆଲମାନାକର ୨୦୨୬ ସଂସ୍କରଣ ପୁରସ୍କାର ତାଲିକାରେ ଭାରତୀୟ ଖେଳାଳିଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି । ବିଶ୍ୱକପ୍ ବିଜୟିନୀ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା ଏବଂ ବିଶ୍ୱର ଏକ ନମ୍ବର ଟ୍ୱେଣ୍ଟି-୨୦ ବ୍ୟାଟର୍ ଅଭିଷେକ ଶର୍ମା ପୁରସ୍କାର ପୋଛି ନେଇଛନ୍ତି । ମୋଟ ୮ଟି ପୁରସ୍କାର ମଧ୍ୟରୁ ଭାରତୀୟମାନେ ସର୍ବାଧିକ ୬ଟି ଜିତିବା ଉଲ୍ଲେଖନୀୟ ବିଷୟ ହୋଇଛି । ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଥାଏ ।

୨୦୨୫ ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିବା ଦୀପ୍ତି ଶର୍ମାଙ୍କୁ 'ୱିଜଡେନ୍ ୱିମେନ୍ସ କ୍ରିକେଟର୍ ଅଫ୍ ଦ ଇୟର୍' ଏବଂ ପ୍ରଶଂସନୀୟ ଷ୍ଟ୍ରାଇକରେଟ୍ ପାଇଁ ଅଭିଷେକ ଶର୍ମାଙ୍କୁ 'ୱିଜଡେନ୍ ଟ୍ୱେଣ୍ଟି-୨୦ କ୍ରିକେଟର୍ ଅଫ୍ ଦ ଇୟର୍' ବିବେଚିତ ହୋଇଛନ୍ତି । ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାରେ ଚମତ୍କାର ବ୍ୟାଟିଂ କରିଥିବା ଅଧିନାୟକ ଶୁବମନ ଗିଲ୍‌ଙ୍କୁ 'ୱିଜ୍‌ଡେନ୍‌ର ୫ ଜଣ କ୍ରିକେଟର୍ ଅଫ୍ ଦ ଇୟର୍ ମଧ୍ୟରେ ସାମିଲ କରାଯାଇଛି । ଅନ୍ୟ ୪ ଜଣ ହେଲେ ମହମ୍ମଦ ସିରାଜ, ଋଷଭ ପନ୍ତ୍, ରବୀନ୍ଦ୍ର ଜାଡ଼େଜା ଏବଂ ଇଂଲଣ୍ଡ ବ୍ୟାଟର୍ ହସିବ ହମିଦ୍ । ଅନ୍ୟ ଜଣେ ମାତ୍ର ଅଣ ଭାରତୀୟ ପୁରସ୍କାର ବିଜେତା ଭାବେ ଅଷ୍ଟ୍ରେଲୀୟ ପେସର ମିଚେଲ୍ ଷ୍ଟାର୍କଙ୍କୁ ବିଶ୍ୱର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ସମ୍ମାନ ମିଳିଛି ।

ଆଇସିସି ମହିଳା ବିଶ୍ୱକପ୍‌ରେ ଦୀପ୍ତି ୨୨ ୱିକେଟ୍ ସହିତ ୨୧୫ ରନ୍ କରିଥିବାବେଳେ ଭାରତ ପ୍ରଥମ ଥର ଟ୍ରଫି ତୋଳି ଧରିଥିଲା । ଅଭିଷେକ ୨୦୨୫ରେ ୨୧ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରୁ ୧୯୩ ଷ୍ଟ୍ରାଇକ୍ ରେଟ୍‌ରେ ୮୫୯ ରନ୍ ସଂଗ୍ରହ କରିଥିଲେ । ଗିଲ୍ ଟେଷ୍ଟ୍ କ୍ରିକେଟ୍‌ରେ ଚମତ୍କାର ଖେଳିଥିଲେ । ଇଂଲଣ୍ଡ ଗସ୍ତରେ ସେ ୭୫୪ ରନ୍ ସଂଗ୍ରହ କରିବା ସହ ଭାରତକୁ ୨-୨ ଡ୍ର' ଦେବାରେ ପ୍ରମୁଖ ଭୂମିକା ନେଇଥିଲେ । ଏଜବାଷ୍ଟନ୍ ଟେଷ୍ଟ୍‌ରେ ସେ ଏକା ୪୩୦ ରନ୍ ସଂଗ୍ରହ କରିଥିଲେ । ମହମ୍ମଦ ସିରାଜ ସେହି ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାରେ ସର୍ବାଧିକ ୨୩ ୱିକେଟ୍ ନେଇଥିଲେ । ଆହତ କାରଣରୁ ପଞ୍ଚମ ଟେଷ୍ଟ୍‌ରୁ ବଞ୍ଚିତ ହେବା ସତ୍ତ୍ୱେ ପନ୍ତ୍ ମୋଟ ୪୭୯ ରନ୍ କରିଥିଲେ ।

## ସୂର୍ଯ୍ୟଙ୍କ ହାତରୁ ଯିବ ଅଧିନାୟକ ପଦ




- ଖରାପ ଫର୍ମ ବଢ଼ାଇପାରେ ଅଡୁଆ
- ଜାତୀୟ ଦଳରୁ ମଧ୍ୟ ବଢ଼ିପାରନ୍ତି ବାଦ୍

**ନୂଆଦିଲ୍ଲୀ, ୧୪।୪:** ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଟି-୨୦ ବିଶ୍ୱକପ ଜିତିଥିଲେ ମଧ୍ୟ ଦଳରୁ ବାଦ୍ ପଡ଼ି ପାରନ୍ତି ଏହି ଷ୍ଟାର ଖେଳା । ରିପୋର୍ଟ ଅନୁଯାୟୀ, ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ଭାରତୀୟ ଦଳରୁ ବାଦ୍ ପଡ଼ିବାର ଆଶଙ୍କା ଦେଖା ଦେଇଛି । ସୂର୍ଯ୍ୟଙ୍କ ଉପରେ ଏହି ବିପଦ ତାଙ୍କର ଖରାପ ଫର୍ମ କାରଣରୁ ସୃଷ୍ଟି ହୋଇଛି ।

ଟି-୨୦ ବିଶ୍ୱକପଠୁ ଏ ପର୍ଯ୍ୟନ୍ତ ଆଇପିଏଲରେ ସୂର୍ଯ୍ୟ ଖରାପ ଫର୍ମ ଦେଇ ଗତି କରୁଛନ୍ତି । ଏମିତି ଲାଗୁଛି ସେ ଫର୍ମ ଭୁଲି ସାରିଛନ୍ତି । ତାଙ୍କ ଉପରେ ଟିମ୍ ଇଣ୍ଡିଆର ଚୟନକର୍ତ୍ତାଙ୍କ ନଜର ମଧ୍ୟ ରହିଛି । ଏମିତିରେ ପ୍ରଶ୍ନ ଉଠୁଛି ଯେ, ଆଗାମୀ ଟି-୨୦ ସିରିଜ୍ ଏବଂ ୨୦୨୮ ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ତାଙ୍କୁ ସ୍ଥାନ ମିଳିବ କି ନାହିଁ ?

ଆଇପିଏଲ ପରେ ସୂର୍ଯ୍ୟକୁମାର ଯାଦବ ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ଗସ୍ତରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେବେ । ତଥାପି, ସେଠାରେ ଟି-୨୦ ସିରିଜ୍ ତାଙ୍କ ଅଧିନାୟତ୍ୱ ନୁହେଁ ବରଂ ତାଙ୍କ ବ୍ୟାଟିଂର ପରୀକ୍ଷା କରିବ । ଏହି ଦୁଇଟି ଗସ୍ତ ସେ ୨୦୨୮ରେ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ଖେଳିବେ କି ନାହିଁ ତାହା ନିର୍ଣ୍ଣୟ କରିପାରେ । ଏଥିରେ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ଏବଂ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ସାମିଲ୍ ।

ସୂର୍ଯ୍ୟଙ୍କ ପାଇଁ ଭଲ ଖବର ହେଉଛି ଯେ ସେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପ୍ରଥମ ପସନ୍ଦ ରହିଛନ୍ତି, ତାଙ୍କର ଚୁକ୍ତିନାମା ପରବର୍ତ୍ତୀ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି । ତଥାପି, ଚୟନ କମିଟି ଏଥିରେ ରାଜି ହେବେ କି ନାହିଁ ତାହା ଦେଖିବା ବଡ଼ କଥା ହେବ । କାରଣ ସୂର୍ଯ୍ୟ ଅଲିମ୍ପିକ୍ସ ସମୟରେ ୩୮ ବର୍ଷ ବୟସର ହୋଇଥିବେ ।

■ ଫିଫା ବିଶ୍ୱକପ୍‌କୁ ଆଉ ୨ ମାସ

## କ୍ୟୁରୋଜ ଘାନାର ନୂଆ କୋଚ୍

**ଘାନା, ୧୪।୪:** ଫିଫା ବିଶ୍ୱକପ୍‌କୁ ମାତ୍ର ଦୁଇ ମାସରୁ କମ୍ ସମୟ ଥିବା ବେଳେ ଘାନା କାର୍ଲୋସ କ୍ୟୁରୋଜଙ୍କୁ ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ନୂଆ କୋଚ୍ ଭାବେ ନିଯୁକ୍ତି ଦେଇଛି । କ୍ୱିରୋଜ ତୁରନ୍ତ ଦାୟିତ୍ୱ ଗ୍ରହଣ କରି ତାଙ୍କ କାର୍ଯ୍ୟାରମ୍ଭ କରିଥିବା ଘାନା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ କୁହାଯାଇଛି ।



ଜୁନ ୧୭ରେ ଟରଣ୍ଟୋଠାରେ ପାନାମା ବିପକ୍ଷ ମ୍ୟାଚ ଖେଳି ଘାନା ଗ୍ରୁପ୍ 'ଏଲ୍'ରେ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ । ଦଳ ପରେ ବୋଷ୍ଟନ ବାହାରେ ଇଂଲଣ୍ଡ ଏବଂ ଫିଲାଡେଲ୍‌ଫଇଆରେ କ୍ରୋଏସିଆ ସହିତ ମୁକାବିଲା କରିବ । 'ବ୍ଲାକ ଷ୍ଟାର' ଭାବେ ପରିଚିତ ଘାନା ମେ ୨୨ରେ ମେକ୍ସିକୋ ଏବଂ ଜୁନ୍ ୨ରେ ୱେଲ୍ସକୁ ଭେଟିବ । ଘାନାର କୋଚ୍ ପଦବୀ ପାଇଁ ଦେଶ ଓ ବିଦେଶରୁ ୬୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିଲେ ।

ସେମାନଙ୍କ ମଧ୍ୟରୁ କ୍ୱିରୋଜଙ୍କ ବିଶ୍ୱକପ୍ ଅଭିଜ୍ଞତା ରହିଛି । ତାଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା ୨୦୦୨ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲା । ତାଙ୍କ ଦେଶ ପର୍ତ୍ତୁଗାଲ୍ ୨୦୧୦ ସଂସ୍କରଣରେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ପୁନଶ୍ଚ ସେ ୨୦୧୪ ଓ ୨୦୧୮ ଟୁର୍ନାମେଣ୍ଟରେ ଇରାନ ଦଳର କୋଚ୍ ଦାୟିତ୍ୱରେ ଥିଲେ । ନିକଟ ଆତୀତରେ କ୍ୱିରୋଜ ଓମାନର କୋଚ୍ ଦାୟିତ୍ୱରେ ଥିଲେ । ମାତ୍ର ଓମାନ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବାରୁ ୩ ସପ୍ତାହ ପୂର୍ବେ ସେ ତାଙ୍କ ପଦବୀରୁ ଓହରି ଯାଇଥିଲେ ।

## ସି.ଏମ୍. ଟ୍ରଫି କ୍ରୀଡ଼ା ମହୋତ୍ସବ

**ଭଦ୍ରକ, ୧୪।୪:** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୁଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଚାଲିଥିବା ସି.ଏମ୍. ଟ୍ରଫି କ୍ରୀଡ଼ା ମହୋତ୍ସବର ରାନ୍ଦିଆ ରାମେଶ୍ୱର ସ୍କୁଲ ପଡ଼ିଆରେ ଅନୁଷ୍ଠିତ ବାଳିକା ବିଭାଗ ଫୁଟ୍‌ବଲ୍ ଚାମ୍ପିୟନ୍‌ସିପ୍‌ରେ ଭଦ୍ରକର ଏସ୍.ବି.ଡି. ଇଂଟରନ୍ୟାସ୍‌ନାଲ୍ ସ୍କୁଲ ଚାମ୍ପିଆନ୍ ହୋଇଛି । ଫାଇନାଲ୍ ଖେଳ ଏସ.ବି. ଡି. ଇଂଟରନ୍ୟାସନାଲ ସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିର, ପୁରୁଣା ବଜାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୨/୧ ଗୋଲରେ ଏସ.ବି.ଡି. ଇଂଟରନ୍ୟାସନାଲ ସ୍କୁଲ ବିଜୟୀ ହୋଇ ୨୦୨୬ ର ସି.ଏମ୍. ଟ୍ରଫି ବାଳିକା ଫୁଟବଲ୍‌ର ଚମ୍ପିଆନ ଆଖ୍ୟା ଅର୍ଜନ କରିଛି । ଏସ୍.ବି.ଡି. ପକ୍ଷରୁ ମନ୍ଦିଲ ନାୟକ ୨ଟି ଗୋଲ ଦେଇଥିବା ବେଳେ ଶିଶୁ ମନ୍ଦିର ପକ୍ଷରୁ ସୁଶ୍ରୀ ସୁପ୍ରଭା ପରିଡ଼ା ଗୋଟିଏ ଗୋଲ ସ୍କୋର କରିଥିଲେ । ରେଫେରୀ ଭାବେ ଉତ୍ତମ ବାରିକ, ମାନସ ବିଶ୍ୱାଳ, ଜୀତେନ୍ଦ୍ର ବାରିକ ଖେଳ ପରିଚାଳନା କରିଥିବା ବେଳେ ମହେଶ୍ୱର ପତି, ସଂଗ୍ରାମୀ ଦେବଦତ୍ତ ନାୟକ, ମନୋଜ ସାହୁ, ନାସିର୍ ଅଲ୍ଲି, ଗୌରାଙ୍ଗ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଟିମ୍ ଇଣ୍ଡିଆରେ ହେବ ବିସ୍ଫୋରକ ବୈଭବଙ୍କ ଏଣ୍ଟ୍ରୀ

**ନୂଆଦିଲ୍ଲୀ, ୧୪।୪:** ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ସେ ଖୁବଶୀଘ୍ର ଭାରତୀୟ ଦଳ ପାଇଁ ଖେଳିବାର ସମ୍ଭାବନା ରହିଛି । ବର୍ତ୍ତମାନ ଆଇପିଏଲରେ ଫୁଲ୍ ଫର୍ମରେ ଅଛନ୍ତି ବୈଭବ । ତାଙ୍କୁ ଭାରତର ସିନିୟର ଦଳ ପାଇଁ ଖେଳିବାର ସୁଯୋଗ ମିଳିପାରେ । ଯଦିଓ କିଛି ସମୟ ବାକି ଅଛି, ଯଦି ଏପରି ହୁଏ, ତେବେ ସେ ତାଙ୍କର ଡେବ୍ୟୁ ସହିତ ନୂତନ ରେକର୍ଡ ସ୍ଥାପନ କରିବେ । ଟିମ୍ ଇଣ୍ଡିଆରେ ବୈଭବଙ୍କ ଏଣ୍ଟ୍ରୀ ବେଶୀ ଦୂର ନୁହେଁ । ଜୁନ୍ ମାସରେ ଆୟର୍ଲାଣ୍ଡ ଗସ୍ତ ଟି-ଟ୍ୱେଣ୍ଟି ସିରିଜରେ ବୈଭବଙ୍କୁ ସାମିଲ କରାଯାଇପାରେ । ଯଦି ବୈଭବ ଟିମ୍ ଇଣ୍ଡିଆ ପାଇଁ ଡେବ୍ୟୁ କରନ୍ତି ତେବେ ସେ ଭାରତୀୟ କ୍ରିକେଟ ଇତିହାସରେ ସବୁଠାରୁ ଯୁବ ଖେଳାଳି ହେବେ ।

**ଆର୍ୟଲ୍ୟାଣ୍ଡ ବିପକ୍ଷ ସିରିଜରେ ଖେଳିବା ନେଇ ବଢ଼ିଲା ସମ୍ଭାବନା**

**ବିପଦରେ ସଚିନ୍‌ଙ୍କ ସର୍ବକନିଷ୍ଠ ଡେବ୍ୟୁ ରେକର୍ଡ**




ବିପଦରେ ସଚିନ୍‌ଙ୍କ ରେକର୍ଡ- ଜାତୀୟ ଗଣମାଧ୍ୟମ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସୂର୍ଯ୍ୟବଂଶୀଙ୍କୁ ଚୟନକର୍ତ୍ତାମାନେ ସଂକ୍ଷିପ୍ତ ତାଲିକାରେ ରଖିଛନ୍ତି । ସେ ଦଳରେ ସାମିଲ ହେବା ପାଇଁ ଦୌଡରେ ଅଛନ୍ତି । ଏହା ଆଇପିଏଲ ୨୦୨୬ ପରେ ତୁରନ୍ତ ହେବାର ସମ୍ଭାବନା ରହିଛି । ଭାରତର ସମ୍ଭାବ୍ୟ ଦ୍ୱିତୀୟ ସ୍ତରରେ ଦଳକୁ ସୁଯୋଗ ଦିଆଯିବ । ଚୟନ କମିଟି ଯୁବ ଖେଳାଳିଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ ଦେବାକୁ ଆଗ୍ରହୀ । ଯଦି ସୂର୍ଯ୍ୟବଂଶୀଙ୍କୁ ସିନିୟର ଟିମ୍ ଇଣ୍ଡିଆରେ ସୁଯୋଗ ମିଳେ ତେବେ ସେ ସବୁଠାରୁ ଯୁବ ଖେଳାଳି ହେବେ । ବର୍ତ୍ତମାନ ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି । ଯିଏ କି ୧୬ ବର୍ଷ ୨୦୫ ଦିନ ବୟସରେ ଡେବ୍ୟୁ କରିଥିଲେ । ସମାନ ରେକର୍ଡ ଶେଫାଳି ବର୍ମାଙ୍କ ନାମରେ ବି ଅଛି । ଯିଏକି ୧୫ ବର୍ଷ ୭ ମାସ ବୟସରେ ଭାରତ ପାଇଁ ଖେଳିଥିଲେ । ଯଦି ବୈଭଙ୍କୁ ସୁଯୋଗ ମିଳେ ତେବେ ସେ ସଚିନ୍- ଶେଫାଳିଙ୍କୁ ପଛରେ ପକାଇବେ । ଚଳିତ ଆଇପିଏଲରେ ୫ଟି ମ୍ୟାଚ ଖେଳି ୪୦ ହାରାହାରି ଏବଂ ୨୬୩.୧୫ ଷ୍ଟ୍ରାଇକ୍ ରେଟରେ ୨୦୦ ରନ୍ କରିଛନ୍ତି । ହେଲେ ଗତକାଲି ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଗୋଲଡେନ୍ ଡକରେ ଆଉଟ୍ ହୋଇଥିଲେ ।

ବୈଭବଙ୍କୁ ୧୫ ବର୍ଷ- ଯଦିଓ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଭାରତର ଟି-୨୦ ଦଳର ଅଧିନାୟକ, ଆଶା କରାଯାଉଛି ଯେ ତାଙ୍କୁ ଆୟରର୍ଲାଣ୍ଡ ବିପକ୍ଷ ସିରିଜ ପାଇଁ ବିଶ୍ରାମ ଦିଆଯାଇପାରେ ଏବଂ ଜଣେ ଯୁବ ଖେଳାଳିଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇପାରେ । ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ମଧ୍ୟ ବିଚାର କରାଯିବାର ସମ୍ଭାବନା ଅଛି । ବୈଭବ ସୂର୍ଯ୍ୟବଂଶୀ ମାର୍ଚ୍ଚ ଶେଷରେ ୧୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ଯଦି ତାଙ୍କୁ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିବାର ସୁଯୋଗ ମିଳେ, ତେବେ ସେ ଭାରତ ପାଇଁ ଖେଳିଥିବା ସବୁଠାରୁ ଯୁବ ଖେଳାଳି ହେବେ ।

ପରବର୍ତ୍ତୀ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଏବେଠୁ ପ୍ରସ୍ତୁତି- ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଜବରଦସ୍ତ ଫର୍ମରେ ଅଛନ୍ତି । ଯଦି ଏହି ଫର୍ମ ଜାରି ରହେ, ତେବେ ଚୟନକର୍ତ୍ତାମାନେ ତାଙ୍କୁ ଶୀଘ୍ର ସୁଯୋଗ ଦେବା ବିଷୟରେ ବିଚାର କରୁଛନ୍ତି । ଯେହେତୁ ପରବର୍ତ୍ତୀ ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୮ରେ ଅନୁଷ୍ଠିତ ହେବ । ତେଣୁ ଏହା ପୂର୍ବରୁ ଏକ ନୂଆ ଯୁବ ଦଳ ଗଠନ କରିବାର ଯୋଜନା ଅଛି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar